ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୬ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 JULY 2023

Vol.No. 35 ■ No. 197 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିଜେପି ଶାସିତ ରାଜ୍ୟ ଉପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ?: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୫/୦୭ : ଆଜି ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଭତ୍ସନା କରିଛନ୍ତି । ବିଜେପି ଶାସିତ ରାଜ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ କେନ୍ଦ୍ର ସରକାର ବିଫଳ ହେଉଥିବାରୁ ଏହାକୁ ନେଇ ସୁପ୍ରିମ କୋର୍ଟ ଭତ୍ସନା କରିଛନ୍ତି । ପୂର୍ବାଞ୍ଚଳ ରାଜ୍ୟ ନାଗାଲ୍ୟାଣ୍ଡରେ ସଂରକ୍ଷଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଭତ୍ସନା କରିଛନ୍ତି ସୁପ୍ରିମକୋର୍ଟ । ସୁପିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି କି ରାଜ୍ୟରେ କାହିଁକି ମହିଳାମାନଙ୍କ ପାଇଁ ସଂରକ୍ଷଣ ଲାଗୁ କରାଯାଉନାହିଁ । ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି କି, ଆପଣ କାହିଁକି କି ଆପଣଙ୍କ ପାର୍ଟି ଦ୍ୱାରା ଶାସିତ

ରାଜ୍ୟ ସରକାରଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହଁ । ଏହାସହ ସୁପ୍ରିମକୋର୍ଟ କହିଛନ୍ତି କି, ଆପଣ ଅନ୍ୟ ରାଜ୍ୟସରକାରଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେଉଛ ଯେଉଁମାନେ ଆପଣଙ୍କ ପ୍ରତି ଉତରଦାୟୀ ନୁହେଁ । ହେଲେ ଯେଉଁ ରାଜ୍ୟରେ ଆପଣଙ୍କ ପାର୍ଟିର ସରକାର ରହିଛି ତାହା ଉପରେ ଆପଣ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହଁ । ବିଚାରପତି ଜଷ୍ଟିସ କୋଲ ପଚାରିଛନ୍ତି କି, ମହିଳାମାନଙ୍କୁ ସଂରକ୍ଷଣ ଦେବା ବିରୋଧରେ କୌଣସି ପ୍ରାବଧାନ ରହିଛି କି ? ଯେତେବେଳେ ସମାଜର ସବୁ କ୍ଷେତ୍ରରେ ମହିଳାମାନେ ସମାନ ରୂପରେ ସାମିଲ ହେଉଛନ୍ତି ତେବେ ବିଜେପି ଶାସିତ ରାଜ୍ୟମାନଙ୍କରେ ମହିଳାଙ୍କ ଭାଗିଦାରୀକୁ କାହିଁକି ବିରୋଧ କରାଯାଉଛି । ଏହାର ଜବାବରେ ଆର୍ଟନୀ ଜେନରଲ (ନାଗାଲ୍ୟାଣ୍ଡ) କହିଛନ୍ତି କି ରାଜ୍ୟରେ ଏଭଳି କିଛି ମହିଳା ସଂଗଠନ ରହିଛନ୍ତି (ଯେଉଁମାନଙ୍କ ସଂଖ୍ୟା ବହୁ ଅଧିକ) ସେମାନେ ମହିଳାମାନଙ୍କୁ ସଂରକ୍ଷଣ ଦେବା ବିରୋଧରେ ମତ ଦେଉଛନ୍ତି ।

ଭୁବନେଶ୍ୱରରେ ପହଂଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ କଲେ ସ୍ୱାଗତ

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସଂଧ୍ୟାରେ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ମଙ୍ଗଳବାର ସଂଧ୍ୟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ପହଞ୍ଚିଲା ପରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଥିଲେ । ଏହା ସହ ଭୁବନେଶ୍ୱରର ମେୟର ସୁଲୋଚନା ଦାସ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ପ୍ରମୁଖ ସ୍ୱାଗତ କରିଛନ୍ତି । ବିମାନବନ୍ଦରରେ ସ୍ୱାଗତ ପରେ ରାଷ୍ଟ୍ରପତି ସ୍ୱତନ୍ତ୍ର କାଁକେଡ୍‌ରେ ରାଜଭବନକୁ ସିଧାସଳଖ ଯାଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର୍ ପ୍ରସ୍ତୁତି କରାଯାଇଛି। ରାଷ୍ଟ୍ରପତି ରାଜଭବନ ପରିସରରେ ସନ୍ଧ୍ୟା ୭ଟାରେ ଅତୁଟ ବନ୍ଧନ ପରିବାର ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ । ସେ କାଲି କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବେ । କାଳେ ରାଷ୍ଟ୍ରପତି କଟକ ଉଚ୍ଚ ନ୍ୟାୟାଳୟର ୭୫ତମ ପ୍ରତିଷ୍ଠା ଦିବସର ପୂର୍ତ୍ତି ଉତ୍ସବ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ଯୋଗଦେବେ।

୩୦ ହଜାର ଟଙ୍କା ଲାଞ୍ଚ ନେଇ କନିଷ୍ଠ ଯନ୍ତ୍ରୀ ଗିରଫ

ପୁରୀ, ୨୫/୦୭ (ନି.ପ୍ର): ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ମାଝୀ। ବୃତ୍ତାନ୍ତ ବିଲ୍ କରାଇ ଦେବାକୁ ଜଣେ ଠିକାଦାରଙ୍କ ଠାରୁ ସେ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ଡେଲାଙ୍ଗ ବଜାର ସ୍ଥିତ ଏକ ଜନସେବା କେନ୍ଦ୍ର ନିକଟରେ କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ମାଝୀ ଲାଞ୍ଚ ଅର୍ଥ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି । ଲାଞ୍ଚ ନେଇ ଧରାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ପୁରୀର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନବକଳେବର ରାସ୍ତା ସ୍ଥିତ ତାଙ୍କ ଭଡ଼ା ଘର ଓ ତାଙ୍କ ଅଫିସରେ ଚଢ଼ାଉ କରାଯାଇଥିଲା।

୧୨ ଜିଲ୍ଲାକୁ ପ୍ରବଳ ବର୍ଷା ସତର୍କତା

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ପଶ୍ଚିମ କେନ୍ଦ୍ର ଏବଂ ତତସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ସୁଦୃଶ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଆସନ୍ତା ୨୪ ଘଂଟା ମଧ୍ୟରେ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଏହା ଧିରେ ଧିରେ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଦେଇ ଗତି କରିବ। ତେବେ ଲଘୁଚାପ ପ୍ରଭାବରେ ରାଜ୍ୟରେ ଜାରି ରହିଛି ବର୍ଷା। ଆସନ୍ତା ୨୪ ଘଂଟା ପାଇଁ ୧୨ ଜିଲ୍ଲାକୁ ପ୍ରବଳ ବର୍ଷା ସତର୍କତା ଜାରି ହୋଇଛି। ୪ ଜିଲ୍ଲାକୁ ଅରେଞ୍ଜ ଓ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଗଜପତି, ଗଂଜାମ, ମାଲକାନଗିରି, କୋରାପୁଟକୁ ଅତିପ୍ରବଳ ବର୍ଷା ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ପରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, ମୟୂରଭଂଜ ଓ କଳାହାଣ୍ଡିକୁ

ପ୍ରବଳ ବର୍ଷା ଆଲର୍ଟ ଜାରି ହୋଇଛି। ସେପଟେ ମୁଣ୍ଡଳୀରେ ପହଞ୍ଚିଛି ହୀରାକୁଦର ପ୍ରଥମ ବନ୍ୟାଜଳ। ବର୍ତ୍ତମାନ ମୁଣ୍ଡଳୀ ବ୍ୟାରେଜ ଦେଇ ମହାନଦୀ ତଳମୁଣ୍ଡକୁ ସେକେଣ୍ଡ ପ୍ରତି ୯୦ ହଜାର କ୍ୟୁସେକ ପାଣି ନିଷ୍କାସିତ ହେଉଛି।

୬୦କେଜି ଗଞ୍ଜେଇ ସମେତ କାର ଜବତ: ଦୁଇ ଗିରଫ

ଖୋର୍ଦ୍ଧା, ୨୫/୦୭ (ନି.ପ୍ର): ଗଞ୍ଜେଇ ଚାଲାଣ ଅଭିଯୋଗରେ ଖୋର୍ଦ୍ଧା ଅବକାରୀ ବିଭାଗ ଦୁଇ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୬୦କେଜି ଗଞ୍ଜେଇ ସମେତ ଚୋରା ଚାଲାଣରେ ବ୍ୟବହୃତ ଏକ କାରକୁ ଜବତ କରିଛି।ଗିରଫ ଦୁଇ ଜଣ ହେଲେ କନ୍ଧମାଳ ଜିଲ୍ଲା ନୂଆଗାଁ ଥାନା କନ୍ଦାର୍ମୁ ଦା ଗାଁ ର ଆକାଶ ମଲ୍ଲିକ ଓ ସେହି ଜିଲା ବାଲିଗୁଡା ଥାନା ତାଗକିଆ ଗାଁ ର ଲୋକନାଥ ମଲ୍ଲିକ। ଅବକାରୀ ବିଭାଗ ସୂଚନା ଅନୁଯାୟୀ ଆକାଶ ଓ ଲୋକନାଥ କନ୍ଧମାଳ ଜିଲ୍ଲାରୁ ଓଡ଼ି-୦୨-ଟି-୬୮୧୦ ନମ୍ବର ବିଶିଷ୍ଟ ଏକ ଇଣ୍ଡିଗୋ କାରରେ ଗଞ୍ଜେଇ ଭର୍ତ୍ତି କରି ଭୁବନେଶ୍ୱର ଚାଲାଣ କରୁଥିଲେ। ତେବେ ଖୋର୍ଦ୍ଧା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଚାଲାଣ ହେଉଥିବା ଗଞ୍ଜେଇ ଭର୍ତ୍ତି ଗାଡିକୁ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରାଯାଇଥିବାନେଇ ଅବକାରୀ ବିଭାଗ ଅଧିକାରୀ ଭୈରବ ସାହୁ ସୂଚନା ଦେଇଛନ୍ତି। ସେହିପରି ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ଗୁରୁଜଙ୍ଗ ଦ୍ୱାରିକା ନଗର ଅଂଚଳରୁ ୪୧ଗ୍ରାମ ବ୍ରାଉନସୁଗାର ଓ ଏକ ସ୍କୁଟି ଜବତ କରିବା ସହ ବଳଭଦ୍ର ବେହେରାକୁ ଗିରଫ କରିଛି।

ବସରେ ହେଉଥିଲା ଗଂଜେଇ ଚାଲାଣ: ତିନି ଜଣ ଅଟକ

ଭୁବନେଶ୍ୱର, ୨୫/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଏକ ଘରୋଇ ବସରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କେସିଙ୍ଗା ପୋଲିସ ତିନି ଜଣଙ୍କୁ ଅଟକ ରଖିଥିବା ଜଣା ପଡିଛି । କୌଣସି ସୂତ୍ରରୁ ଖବର ପାଇ କେସିଙ୍ଗା ପୋଲିସ ବସରେ ପହଂଚି ଗଂଜେଇ ଜବତ କରିଥିଲା । ପୋଲିସ ଦ୍ୱାରା ଗିରଫ କରାଯାଇଥିବା ତିନି ଜଣଙ୍କ ମଧ୍ୟରେ ଦ୍ୱାରା ଦୁଇ ଜଣ ଯୁବକ, ଜଣେ ମହିଳା ସାମିଲ ଅଛନ୍ତି। ପୋଲିସ ସଂପୃକ୍ତ ବସକୁ ଅଟକ ରଖି ତଦନ୍ତ ଜାରି ରଖିଛି ।

'ଇଣ୍ଡିଆ'କୁ ମୋଦିଙ୍କ କଟାକ୍ଷ: ରାହୁଲ ଗାନ୍ଧିଙ୍କ କାଉଣ୍ଟର ଆଟାକ

ନୂଆଦିଲ୍ଲୀ,୨୫/୦୭ : ବିଜେପି ବିରୋଧରେ ବିରୋଧୀ କରିଥିବା ମେଣ୍ଟ 'ଇଣ୍ଡିଆ'କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟାକ୍ଷ କରିଛନ୍ତି। ସେ ବିରୋଧୀ ମେଣ୍ଟକୁ ଇଂରେଜମାନଙ୍କ ଇଷ୍ଟ ଇଣ୍ଡିଆ କମ୍ପାନୀ, ଇଣ୍ଡିଆନ ମୁଜାହିଦ୍ଦିନ ଓ ପିଏଫଆଇ ସହ ତୁଳନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏପରି କଟାକ୍ଷ ଓ ସମାଲୋଚନାର ଜବାବ କଂଗ୍ରେସ ନେତା ରାହୁଲ ଗାନ୍ଧି ଜୋରଦାର ଢଙ୍ଗରେ ଦେଇଛନ୍ତି। ମୋଦିଙ୍କୁ କାଉଣ୍ଟର କରି ରାହୁଲ କହିଛନ୍ତି, "ଆପଣ(ମୋଦି) ଆମକୁ ଯାହା ଇଚ୍ଛା କହି ପାରନ୍ତି। କିନ୍ତୁ ଆମେ ଓଘଉଇଓ। ଆମେ ମଣିପୁରର କ୍ଷତ ଭରିବାରେ ସହାୟକ ହେବୁ। ପ୍ରତିଟି ମହିଳା ଓ ଶିଶୁଙ୍କ ଲୁହ ପୋଛିବୁ। ଆମେ ସମସ୍ତଙ୍କ ପାଇଁ ପ୍ରେମ ଓ ଶାନ୍ତି ଫେରାଇ ଆଣିବୁ। ଆମେ ମଣିପୁରରେ ଭାରତର ବିଚାରଧାରାକୁ ପୁଣି ଗଢ଼ି ତୋଳିବୁ।"ମଣିପୁର ହିଂସାକୁ ନେଇ ସଂସଦ ଚାଲି ପାରୁ ନଥିବା ବେଳେ ବିରୋଧୀ ଗୃହରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିବୃତି ଦାବିରେ ଅଟଳ ରହିଛନ୍ତି। ସରକାର ଆଲୋଚନା ପାଇଁ ରାଜି ଥିବା କହୁଥିଲେ ହେଁ ପ୍ରଧାନମନ୍ତ୍ରୀ ମୋଦିଙ୍କ କାହିଁକି ବିବୃତି ରଖିବେ ନାହିଁ ବୋଲି ପ୍ରଶ୍ନର ଉତ୍ତର ଦେଉ ନାହାନ୍ତି। ଗୃହରେ ୪ ଦିନ ହେଲା ଅଚଳାବସ୍ଥା ଜାରି ରହିଥିବା ବେଳେ ବିରୋଧୀ ରାତି ତମାମ ସଂସଦ ବାହାରେ ବିକ୍ଷୋଭ କରୁଛନ୍ତି। ଏଥିପାଇଁ ଆଜି ବିଜେପି

ସଂସଦୀୟ ଦଳ ବୈଠକ ବସିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଯୋଗ ଦେଇଥିଲେ। ସେ ଏହି ବୈଠକରେ ବିରୋଧୀ ଗଠନ କରିଥିବା 'ଇଣ୍ଡିଆ'କୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ, ଆଜି ଯାଏ କେବେ ହେଲେ ଏପରି ଦିଗହୀନ ବିରୋଧୀ କେହି ଦେଖି ନଥିବେ। ବିରୋଧୀ ଦେଶର ନାଁକୁ ବ୍ୟବହାର କରି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚାହୁଁଛନ୍ତି। କିନ୍ତୁ ଲୋକମାନେ କେବେ ହେଲେ ବିଭ୍ରାନ୍ତ ହେବେ ନାହିଁ। ଇତିହାସ କହୁଛି ପୂର୍ବରୁ ବହୁ ବ୍ୟାନ ଓ ଆତଙ୍କବାଦୀ ସଂଗଠନ ମଧ୍ୟ ଦେଶର ନାଁକୁ ବ୍ୟବହାର କରିଥିଲେ। ଏବେ ଲୋକମାନେ ସବୁ କିଛି ବୁଝି ପାରୁଛନ୍ତି ବୋଲି ମୋଦି କହିଥିଲେ।

ଏନଡିଏ ସହ ନୁହେଁ, ଏକାକୀ ନିର୍ବାଚନ ଲଢ଼ିବ ଜେଡିଏସ

ନୂଆଦିଲ୍ଲୀ,୨୫/୦୭ : ଜନତା ଦଳ ସେକ୍ୟୁଲାର (ଜେଡିଏସ୍) ଆସନ୍ତା ଲୋକସଭା ନିର୍ବାଚନ ଏକାକୀ ଲଢ଼ିବ। ଦଳ କାହା ସହ ମେଣ୍ଟ କରିବ ନାହିଁ ବୋଲି ଆଜି ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ?ଡି ଦେବଗୌଡ଼ା କହିଛନ୍ତି। କଂଗ୍ରେସ ଠାରୁ ଅଲଗା ହେବା ପରେ ଜେଡିଏସ୍ ନେତା କୁମାରସ୍ୱାମୀ ବିଜେପି ସହ ମିଶି କାମ କରିବ ବୋଲି କହିଥିଲେ। ଲାଗୁଥିଲା ୨୦୨୪ରେ ବିଜେପି ଓ ଜେଡିଏସ୍ କର୍ଣ୍ଣାଟକାରେ ଏକାଠି ଲୋକସଭା ନିର୍ବାଚନ ଲଢ଼ିବେ। କିନ୍ତୁ ଏହି ଚର୍ଚ୍ଚା ଉପରେ ଆଜି ଦେବଗୌଡ଼ା ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। କୁମାରସ୍ୱାମୀ ହେଉଛନ୍ତି ଦେବଗୌଡ଼ାଙ୍କ ପୁଅ। ଗତ ସପ୍ତାହରେ ସେ କହିଥିଲେ ଯେ ତାଙ୍କ ଦଳ ବିଜେପି ସହ ମିଶି କଂଗ୍ରେସ ସରକାରଙ୍କ ବିରୋଧରେ ରାଜ୍ୟରେ ଲଢ଼ିବେ। ଏହାପରେ ଜେଡିଏସ୍-ବିଜେପି ମେଣ୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ନିକଟରେ କର୍ଣ୍ଣାଟକା ବିଧାନସଭାରୁ ୧୦ ଜଣ ବିଜେପି ବିଧାୟକଙ୍କୁ ନିଲମ୍ବିତ କରାଯାଇଥିଲା। ଏହା ବିରୋଧରେ ବିଜେପି ସହ ଜେଡିଏସର ବିଧାୟକମାନେ ସ୍ୱର ଉଠାଇଥିଲେ। ବିଜେପି ଭଳି ଜେଡିଏସ ମଧ୍ୟ ବିଧାୟକମାନଙ୍କ ନିଲମ୍ବନ ବିରୋଧରେ ଗୃହ କାର୍ଯ୍ୟକୁ ବୟକଟ କରିଥିଲା। ଏବେ କିନ୍ତୁ ଦେବଗୌଡ଼ା କହିଛନ୍ତି, "ଜେଡିଏସ୍ ଲୋକସଭା ନିର୍ବାଚନ ସ୍ୱାଧୀନ ଭାବେ ଲଢ଼ିବ।

ଧରାପଡ଼ିବାରୁ ଲାଞ୍ଚ ଟଙ୍କା ଗିଳିଦେଲେ ଅଫିସର

ନୂଆଦିଲ୍ଲୀ,୨୫/୦୭ : ଲାଞ୍ଚ ନେଇ ଧରା ପଡ଼ିବାରୁ ଟଙ୍କା ଗିଳିଦେଲେ ପଟୱାରୀ(ଜଣେ ସରକାରୀ ଅଧିକାରୀ ଯିଏ ଜମିର ମାଲିକାନା ସମ୍ବନ୍ଧରେ ରେକର୍ଡ ରଖନ୍ତି)। ମଧ୍ୟପ୍ରଦେଶର କଟନିରେ ରାଜସ୍ୱ ବିଭାଗର କାର୍ଯ୍ୟରତ ଜଣେ ପାଟୱାରୀ ଏପରି କରିଛନ୍ତି। ସୋମବାର ଲାଞ୍ଚ ନେବାବେଳେ ଧରା ପଡ଼ିଥିଲେ ଏହି କର୍ମଚାରୀ ଜଣକ। ପଟୱାରୀ ଗଜେନ୍ଦ୍ର ସିଂହ ଚନ୍ଦ୍ରନ ସିଂହ ଲୋଧି ନାମକ ଜଣେ ବ୍ୟକ୍ତିଙ୍କଠାରୁ ଜମି-ଜମା ସଂକ୍ରାନ୍ତରେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସେ ଲୋକାୟୁକ୍ତ ଜବଲପୁରରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ମଧ୍ୟପ୍ରଦେଶ ଜବଲପୁର ଲୋକାୟୁକ୍ତଙ୍କ ସ୍ପେଶାଲ୍ ପୋଲିସ ଏଷ୍ଟାବ୍ଲିସମେଣ୍ଟ(ଝଚର)ର ଏକ ଟିମ୍ ସରକାରୀ କାର୍ଯ୍ୟାଳୟରେ ପହଞ୍ଚି ଚଢାଉ କରିଥିଲା। ଏହି ସମୟରେ ପୁଲିସ ପଞ୍ଜାରେ ପଡ଼ିଥିଲେ ପଟୱାରୀ ଗଜେନ୍ଦ୍ର ସିଂହ। ୪,୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ପୁଲିସ ତାଙ୍କୁ ଧରିଥିଲା। ଗିରଫ କରାଯିବା ମାତ୍ରେ ପାଟୱାରୀ ନୋଟକୁ ଗିଳି ଦେଇଥିଲେ। ପରେ ତାଙ୍କୁ ଜିଲ୍ଲା ଡାକ୍ତରଖାନାକୁ ଅଣାଯାଇଥିଲା। ବହୁ ପରିଶ୍ରମ ପରେ ଶେଷରେ ତାଙ୍କ ପାଟିରୁ ଲାଞ୍ଚ ନୋଟ ବାହାର କରାଯାଇଛି।

ସାପ କାମୁଡ଼ାରେ ଶିଶୁ ମୃତ: ମା' ଗୁରୁତର

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ମୟୁରଭଂଜ ଜିଲ୍ଲାରେ ସାପ କାମୁଡ଼ାରେ ଘଟିଲା ବଡ ଅଘଟଣ ଘଟିଛି । ଶିଶୁ ପୁତ୍ରର ଜୀବନ ଚାଲି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଜୀବନ ମରଣ ସହ ମାଆ ଲଢୁଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମରେ । କଟୁରିଆ ଗ୍ରାମର ମିନତୀ ମହାକୁଡ ନିଜର ଶିଶୁପୁତ୍ରକୁ ଧରି ଗତକାଲି ରାତିରେ ଘରେ ଶୋଇଥିଲେ । ହେଲେ ହଠାତ୍ ବିଳମ୍ବିତ ରାତିରେ ଏକ ବିଷାକ୍ତ ଚିତି ସାପ ଆସି ଉଭୟ ମା ଏବଂ ପୁଅକୁ କାମୁଡିଥିଲା । ମିନତୀଙ୍କ ସ୍ୱାମୀ ଏବଂ ପରିବାର ଲୋକେ ଏହା ଜାଣି ଆଜି ସକାଳ ସମୟରେ ଉଭୟ ମା ଏବଂ ପୁଅକୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତରଖାନାରେ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ମାଆ ମିନତୀଙ୍କ ଅବସ୍ଥା ଗୁରୁତର ରହିଥିଲା । ପ୍ରାଥମିକ ଚିକିତ୍ସା ପରେ ମିନତୀଙ୍କୁ ବାରିପଦା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି ।

ନାଲ୍‌କୋକୁ 'ପାଉଁଶ ଅଡୁଆ': ସିପିପି ପ୍ଲାଣ୍ଟକୁ ବନ୍ଦ କରିବାକୁ ସୁପାରିସ

ନାଲକୋନଗର , ୨୫/୦୭ (ନି.ପ୍ର): ଗୋଟିଏ ପଟେ କୋଇଲା ସଂକଟ ନବରନ୍ କମ୍ପାନି ନାଲ୍‌କୋର ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ଅନ୍ୟପଟେ ପ୍ରଦୂଷଣ ପ୍ରସଙ୍ଗରେ ଅଡୁଆରେ ପକାଇଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଦୈନିକ ନିର୍ଗତ ହେଉଥିବା ପାଉଁଶ ରଖିବାକୁ ଜାଗା ନାହିଁ, ତେଣୁ ପାଉଁଶ ରଖିବା ପାଇଁ ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ସିପିପି ପ୍ଲାଣ୍ଟକୁ ବନ୍ଦ କରିଦେବା ପାଇଁ ବୋର୍ଡର ଅନୁଗୁଳ ଆଞ୍ଚଳିକ କାର୍ଯ୍ୟାଳୟ ସୁପାରିସ କରିଛି। ପ୍ରଦୂଷଣ ବିଭାଗର ଚିଠି ପରେ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ନାଲ୍‌କୋରେ ପାଉଁଶ ନିଷ୍କାସନ ବ୍ୟବସ୍ଥା ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଏକ୍କା ଦୁଇଦିନ ତଳେ ନାଲ୍‌କୋର ପାଉଁଶ ପରିଚାଳନା ବ୍ୟବସ୍ଥା ପରଖିଥିଲେ। ସେଥିରୁ ସେ ଜାଣିବାକୁ ପାଇଛନ୍ତି, ନାଲ୍‌କୋର ତାପଜ ବିଦ୍ୟୁତ୍ କେନ୍ଦ୍ର(ସିପିପି)ରେ ଥିବା ମୋଟ୍ ୧୦ଟି ବିଦ୍ୟୁତ୍ ୟୁନିଟ୍ ମଧ୍ୟରୁ କୋଇଲା ସଂକଟ ପାଇଁ ୫ଟି ବନ୍ଦ ଥିବା ବେଳେ ଅବଶିଷ୍ଟ ୫ଟି ୟୁନିଟ୍‌ରୁ ଦୈନିକ ପ୍ରାୟ ୫ହଜାର ୫୦୦ ମେଟ୍ରିକ୍ ଟନ୍‌ର ପାଉଁଶ ନିର୍ଗତ ହେଉଛି। ବୋର୍ଡର କହିବା ମୁତାବକ, ପୂର୍ବରୁ ଦୈନିକ ଯାହା ବି ପାଉଁଶ ବାହରୁଥିଲା, ନାଲ୍‌କୋ କର୍ତ୍ତୃପକ୍ଷ ତାକୁ ଲିନ୍‌ସ୍ଟରି ପ୍ରକଳ୍ପ ଜରିଆରେ ଭରତପୁର ଓପନ୍-କାଷ୍ଟ କୋଇଲା ଖଣିରେ ଭର୍ତ୍ତି କରି ଦେଉଥିଲେ। କିନ୍ତୁ ଗତ ୧୩ ତାରିଖରୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଲିନ୍‌ସ୍ଟରି ପ୍ରକଳ୍ପ ବନ୍ଦ ହୋଇପଡ଼ିଛି। ନାଲକୋ ତା'ର ପାଉଁଶକୁ ଆଉ କୋଇଲା ଖଣିକୁ ନିଷ୍କାସନ କରି ପାରୁନାହିଁ। ତେଣୁ ତା'ର ବିକଳ୍ପ ସମାଧାନସ୍ୱରୂପ ନାଲ୍‌କୋ କର୍ତ୍ତୃପକ୍ଷ ପୂର୍ବରୁ ପୂର୍ଣ୍ଣାଙ୍ଗ ହୋଇଥିବା ନିଜସ୍ୱ ପାଉଁଶ ପୋଖରୀ-୧ ଓ ପାଉଁଶ ପୋଖରୀ-୨ ଉପରେ ନଜର ପକାଇଥିଲା। ପାଉଁଶ ପୋଖରୀ-୧ରୁ କିଛି ଶୁଖିଲା ପାଉଁଶକୁ ପୋଖରୀ ନମ୍ବର-୨କୁ ସ୍ଥାନାନ୍ତର କରି ଏକ ନମ୍ବର ପାଉଁଶ ପୋଖରୀରେ ଜାଗା ବାହାର କରିଥିଲା। ସେଥିରେ ଏବେକାର ନିର୍ଗତ ପାଉଁଶ ସବୁ ଭର୍ତ୍ତି କରି ଚାଲିଛି। କିନ୍ତୁ ଏହା ବିପଦର କାରଣ ହୋଇପାରେ ବୋଲି ବୋର୍ଡ ଆଶଙ୍କା କରିଛି।

ବିଭାଗୀୟ କର୍ମଚାରୀଙ୍କ ଅବହେଳା, ଚିତ୍ରୋତ୍ପଳା-ମହାନଦୀ ଦୀପାଟଂଳର ଚାଷୀଙ୍କୁ ଭଗବାନ ଭରସା

ସାଲେପୁର, ୨୫/୦୭ (ନି.ପ୍ର): ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାରଙ୍କ ପକ୍ଷରୁ ଚିତ୍ରୋତ୍ପଳା ମହାନଦୀ ଦୀପାଟଂଳରେ ଗୁହାଳି ଠାରୁ ଡେଂଟାକୋଡା ପର୍ଯ୍ୟନ୍ତ ୪୦ କି.ମି. ଓ ଗୁହାଳିନାସି ଠାରୁ ଓଡଗାଁ ପର୍ଯ୍ୟନ୍ତ ଦୀର୍ଘ ୪୨ କି.ମି. କେନାଲକୁ ଖୋଳିବା ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଇଥିଲା । ହଜାର ହଜାର ପରିବାର ଏହି ଦୁଇ କେନାଲ ପାଣି ଉପରେ ନିର୍ଭର କରି ନିଜର ଚାଷକାର୍ଯ୍ୟ କରିବେ ବୋଲି ସରକାରଙ୍କର ଆଶା ଓ ବିଶ୍ୱାସ ଥିଲା । କିନ୍ତୁ, ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ କେନାଲ ଉପରେ ନିର୍ଭର କରୁଥିବା ଗୁହାଳି, ରଟିଲୋ, ତରିତୋ, ପୁରୁଣାହାଟ, କଳମିଶ୍ରି, ବନ୍ଧୁପୁର, ଜନାର୍ଦ୍ଦନପୁର, ସାନ୍ତପୁର, ପାଳଦା, ବାବୁଜଙ୍ଗ, ଉତରକୂଳ, ମହମ୍ମଦପୁର, ମଣିଜଙ୍ଗ, ଡେଣ୍ଡାକୋଡା, ଓଡଗାଁ, ଧାରୀବିଲ ପ୍ରଭୃତି ଅଂଚଳରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଜୁଲାଇ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଠିକ୍ ଭାବେ ପାଣି ନପାଇ ହତୋତ୍ସାହିତ ହୋଇପଡିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ଦୀପାଟଂଳରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ପଟ୍ଟନାୟକଙ୍କ ଦୀପାଂଚଳକୁ ଦୁଇଟି ବିଭାଗରେ ବିଭକ୍ତ କରି ଓରିଙ୍କଟା ବିଭାଗରେ ୪୦ ରୁ ଊର୍ଦ୍ଧ୍ୱ ଉଠାଜଳସେଚନ ପଏଂଟ କରିଥିଲେ । ସେହିପରି ମଣିଜଙ୍ଗରେ ଏକ ସେକ୍ସନ ଖୋଲାଯାଇ ସେଠାରେ କିଛି ପଏଂଟ କରାଯିବା ସହ କର୍ମଚାରୀ ନିଯୁକ୍ତ ହୋଇ ଚାଷୀମାନଙ୍କୁ ପାଣି ଯୋଗାଉଥିଲେ । ବିଦ୍ୟୁତ ବିଭାଗର ଅସହଯୋଗ ସାଙ୍ଗକୁ କେତେକ ସ୍ଥାନରେ ଫସଲ ଉଜୁଡିଯିବା ହେତୁ ଚାଷୀମାନେ ବିଦ୍ୟୁତ ବିଭାଗକୁ ପଇସା ଠିକ୍ ଭାବେ ପଇଠ କରିନପାରିବାରୁ ଉକ୍ତ ପଏଂଟକୁ ବିଜୁଳି କାଟି ଦିଆଯାଇଥିଲା । ବିଦ୍ୟୁତ ପାଇଁ ମଧ୍ୟ ବହୁ ପଏଂଟ ଅଚଳ ଥିବା କେତେକ ଚାଷୀ କହିଛନ୍ତି । ତେବେ ଚାଷୀମାନଙ୍କର ବାରମ୍ବାର ଦାବି ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମ ଫଳରେ ଶିଶୁଆଠାରେ ସାଇଫନ କମ୍ ବ୍ରିଜ ନିର୍ମାଣ କରାଯିବା ସହ ଦୀପାଟଂଳର ଚାଷୀମାନେ ସୂଚାରୁ ରୂପେ ପାଣି ପାଇବାର ସୁବ୍ୟବସ୍ଥା କରିଥିଲେ । ଏହି କେନାଲକୁ ରକ୍ଷଣାବେକ୍ଷଣ କରିବା ପାଇଁ ସାନ୍ତପୁର ଠାରେ ଏକ ସବ୍ ଡିଭିଜନ ଅଫିସ ଖୋଲାଯାଇଥିଲା । ଏହି ଅଫିସ କିଛି ଦିନ ଚାଲିବା ପରେ ରାଜନୈତିକ ଆକ୍ରୋଶ ମନୋଭାବ ରଖି କେତେକ ନେତା ସବ୍ ଡିଭିଜନ ଅଫିସକୁ ମଣିଜଙ୍ଗକୁ ଉଠାଇ ନେଇଥିଲେ । ଓରିଙ୍କଟା ସେକ୍ସନକୁ କଟକକୁ ଉଠାଇ ନେଇଛନ୍ତି । ଚିତ୍ରୋତ୍ପଳା ନଦୀର ଦକ୍ଷିଣପାର୍ଶ୍ୱ କେନାଲ ନାମରେ ପରିଚିତ ଗୁହାଳି ପାଖରୁ ବିଲହାଟ ଓ ମହାନଦୀ ବାମପଟ କେନାଲ ନାମରେ ପରିଚିତ ଗୁହାଳି ପାଖରୁ ଡେଣ୍ଡାକୁଡାର ରକ୍ଷଣାବେକ୍ଷଣା ବିଭାଗର ଥିବା ଯନ୍ତ୍ରୀଙ୍କୁ କୌଣସି ସମୟରେ ଚାଷୀମାନେ ଏରିଆରେ ପାଉନଥିବା ସହ ଅଫିସରେ ମଧ୍ୟ ଦେଖିବାକୁ ପାଆନ୍ତି ନାହିଁ । ଯାହାଫଳରେ କେନାଲ ପାଣି ଶେଷ ମୁଣ୍ଡକୁ ଯାଉ ବା ନଯାଉ ସେଥିରେ ବିଭାଗୀୟ ଅଧିକାରୀଙ୍କର କୌଣସି ଚିନ୍ତାନଥାଏ । ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ବୋଲି କହୁଥିଲା ବେଳେ ଦୁଇ କେନାଲ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ସରକାରଙ୍କ ନିର୍ଦ୍ଦେଶକୁ କେତେ ଦୂର ପାଳନ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି କଟକ ଜିଲ୍ଲା କୃଷକ ନେତା ଶରତ ଦାସ ଦାବି କରିଛନ୍ତି । ନଢୁବା ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି ।

ଶ୍ରୀମନ୍ଦିରରେ ଖସାପଡ଼ା ନୀତି ଅନୁଷ୍ଠିତ

ପୁରୀ, ୨୫/୦୭ (ନି.ପ୍ର): ଶ୍ରାବଣ ମଳମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହୋଇଯାଇଛି । ଏହା ଏକ ଗୁପ୍ତ ସେବା । ସେଥିପାଇଁ ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଭକ୍ତ ଦର୍ଶନ ବନ୍ଦ ରହିଛି । ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଓ ଶ୍ରୀପୟର ସୁରକ୍ଷା ପାଇଁ ଏହି ନୀତି କରାଯାଇଥାଏ । ରଥଯାତ୍ରା ଯୋଗୁଁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ବାଧା ସୃଷ୍ଟି ହୋଇଥିବାରୁ ଏହି ନୀତି କରାଯାଇଥାଏ । ଏହା ଦଇତାପତିଙ୍କ ଗୋଷ୍ଠୀଗତ ଗୁପ୍ତ ସେବା । ରଥଯାତ୍ରା ପରେ ଓ ହୋଲି ପରେ ଏହି ନୀତି ଅନୁଷ୍ଠିତ ହୋଇଥାଏ । ଗତକାଲି ଠାରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଶ୍ରୀମନ୍ଦିର ଗାରଦରେ ଜମାଦେଇଥିଲେ । ଶୁଦ୍ଧ ସୁଆର ଖଳି ଓ କଇଁଥ ଅଠା ଯୋଗାଇଥିଲେ । ମଧ୍ୟାହ୍ନଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା ।

ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ସ୍ଥାନାନ୍ତରଣକୁ ନେଇ ଅସନ୍ତୋଷ

ସାଲେପୁର, ୨୫/୦୭ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଂଚାୟତ ସାଙ୍କିଲୋସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ସ୍ଥାନାନ୍ତରଣ କରାଯିବା ନିମନ୍ତେ ରାଜନୀତିକ ସ୍ତରରେ ଯୋର ଧରିଥିଲା ବେଳେ ପଂଚାୟତ ସ୍ତରୀୟ ନେତା ଓ ଗ୍ରାମବାସୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତରଣ ସ୍ଥଗିତ ପାଇଁ ପୁନଃବିଚାର ପାଇଁ ଦାବି ହେଉଛି । ଏପରିକି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କଟରପଡା ପଂଚାୟତର ସରପଂଚ ଓ ସମିତିସଭ୍ୟା ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ସୂଚନା ଥାଉ କି, କଟରପଡା ପଂଚାୟତ ସାଙ୍କିଲୋ ଠାରେ ୧୯୮୧ ମସିହାରୁ ସାଙ୍କିଲୋ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର କାର୍ଯ୍ୟ କରିଆସୁଅଛି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ପୁନରୁଦ୍ଧାର ତଥା ନୂତନ ଗୃହ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । କିନ୍ତୁ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ସେଠାରୁ ସ୍ଥାନାନ୍ତରଣ କରାଯାଇ ଅନ୍ୟତ୍ର କରାଯିବା ପାଇଁ ରାଜନୈତିକ ମହଲରେ ମସୁଧା ଚାଲିଥିବା ଅଭିଯୋଗ ହେଉଛି । ଏପରିକି ସ୍ଥାନୀୟ ଅଂଚଳର ସମାଜସେବୀ ଦୁର୍ଗାଚରଣ ନାୟକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ପ୍ରାୟ ୧ କି.ମି. ଦୂରରେ ଦଶମାଣିଆ ଠାରେ ଶାରଦ ଦୋଫସଲି ଜମିଟିଏ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦାନ କରିଛନ୍ତି । ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବା ପାଇଁ ମସୁଧା ଚାଲିଥିଲା ବେଳେ ନିର୍ମାଣ ହେବାକୁ ଥିବା ଏହି ସ୍ଥାନକୁ ଯିବା ନିମନ୍ତେ କୌଣସି ସରକାରୀ ରାସ୍ତା ନାହିଁ । ଏଠାରେ ନୂତନ ଗୃହ ନିର୍ମାଣ କରାଗଲେ ଗମନାଗମନ ନିମନ୍ତେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ ବୋଲି ପ୍ରକାଶ କରୁଛନ୍ତି । ସ୍ଥାନୀୟ ସରପଂଚ ଓ ସମିତିସଭ୍ୟା ଏହାର ପୁନଃବିଚାର କରାଯିବା ନିମନ୍ତେ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ, ସିଡିଏମଓ ଏବଂ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ୭ ଦିନ ମଧ୍ୟରେ ଏହାର ପୁନଃବିଚାର ନହେଲେ ସରପଂଚ, ସମିତିସଭ୍ୟାଙ୍କ ସମେତ ତାଙ୍କର ସମର୍ଥକମାନଙ୍କୁ ନେଇ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ପାଳିତ

କୋରେଇ, ୨୫/୦୭ (ନି.ପ୍ର): ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ଯାଜପୁର ଜିଲ୍ଲା ପାଣିକୋଇଲି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଜିଲ୍ଲା ସଭାପତି ବଟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି। ଉକ୍ତ ସଭାରେ ରାଜ୍ୟ ଆଶା ସଂଘର ସହ ପ୍ରଭାରୀ ମୁକ୍ତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଗଠନ ସଂମ୍ପାଦକ ପ୍ରସନ୍ନ ସାମଲ, ଆଶା ରାଜ୍ୟ ସଭାନେତ୍ରୀ ମମତା ମହାନ୍ତି, ଜିଲ୍ଲା ଆଶା ସଭାନେତ୍ରୀ ପୁଷ୍ପଲତା ରାଉତ, ସମ୍ପାଦିକା ସୁଷମା ରାଉତ ଏବଂ ଜିଲ୍ଲାରୁ ବିଭିନ୍ନ କ୍ଷେତ୍ରରୁ ସଭ୍ୟ ସଭ୍ୟା ମାନେ ଯୋଗଦେଇଥିଲେ। ସଂଘର ୬୯ତମ ପ୍ରତିଷ୍ଠା ଦିବସରେ ସଂଗଠନକୁ ଜିଲ୍ଲାରେ ସୁଦୃଢ କରିବା ସଙ୍ଗେ ସଙ୍ଗେ ଏକ ମନ ପ୍ରାଣ ହୋଇ କାର୍ଯ୍ୟ କରିବାକୁ ସଭାପତି ମହୋଦୟ ଉପସ୍ଥିତ ସଭ୍ୟମାନଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟଅତିଥି ମହୋଦୟ ସଂଘର ପ୍ରତିଷ୍ଠା ଦିବସର ମହତ୍ୱ ବିଷୟରେ ଉପସ୍ଥିତ ସଭ୍ୟମାନଙ୍କୁ ବୁଝାଇ ଥିଲେ। ସଂଗଠନ ସଂମ୍ପାଦକ ଆଗାମୀ ଦିନରେ ସଂଗଠନକୁ କିଭଳି ମଜବୁତ କରାଯିବ ଏବଂ ଯାଜପୁର ଜିଲ୍ଲାରେ ପୁଣି ବିଏମଏସ ର ଧ୍ୱଜା ସବୁଆଡେ ଉଡିବ ସେଥିପାଇଁ ଆମ୍ଭ ସମସ୍ତଙ୍କୁ ଶପଥ ପୂର୍ବକ କାମ କରିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମମତା ମହାନ୍ତି, ପୁଷ୍ପଲତା ରାଉତ, ସୀତା ବେହେରା, ବବିତା ମଲ୍ଲିକ, ସାଗରିକା ମଲ୍ଲିକ, ଅଖଜି ମଲ୍ଲିକ, ସମସର ବେଗମ, ସୁଷମା ରାଉତ, କଳ୍ପନା ନାୟକ, ପ୍ରମିଳା ଜେନା, ମନୋଜ ଜେନା, ବଳରାମ ରାଉତ, ପଦ୍ମଲୋଚନ ମଲ୍ଲିକ ଯୋଗଦେଇ ସଭାକୁ ସରସସୁନ୍ଦର କରିଥିଲେ। ଶେଷରେ ସଭାପତି ତଥା ଅନ୍ୟ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭାସଙ୍ଗ କରାଯାଇଥିଲା।

୪ର୍ଥ କନ୍ଧମାଳ ଜିଲ୍ଲା ତାଇକୋଣ୍ଡୋ ପ୍ରତିଯୋଗିତା ଓ ଅନ୍ତର୍ଜାତୀୟ ତାଇକୋଣ୍ଡୋ ମାଷ୍ଟରଙ୍କୁ ସମ୍ବର୍ଦ୍ଧନା

କନ୍ଧମାଳ, ୨୫/୦୭ (ନି.ପ୍ର): ଫୁଲବାଣୀ ସ୍ଥିତ ଜିଲ୍ଲା କ୍ରୀଡା ଇଣ୍ଡୋର ହଲ ଠାରେ ଫୁଲବାଣୀ ମାର୍ଶାଲ ଆର୍ଟ୍ସ ଏକାଡେମୀ ଓ କନ୍ଧମାଳ ଜିଲ୍ଲା ତାଇକୋଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ୪ର୍ଥ କନ୍ଧମାଳ ଜିଲ୍ଲା ତାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଦୁଇଟି ବିଭାଗରେ, କିରୋଗୀ ଓ ଫୁସି ପ୍ରତିଯୋଗିତାରେ ହେଉଅଛି। ସର୍ବ କନିଷ୍ଠ (୫-୧୧ବର୍ଷ), କ୍ୟାଡେଟ (୧୨-୧୪ବର୍ଷ), କନିଷ୍ଠ (୧୫-୧୭ବର୍ଷ) ଓ ବରିଷ୍ଠ ବର୍ଗ ୧୮ ବର୍ଷ ଓ ଊର୍ଦ୍ଧ୍ୱ ବୟସର ପ୍ରତିଯୋଗୀ ଅଂଶ ଗ୍ରହଣ କରୁଛନ୍ତି। କନ୍ଧମାଳ ଜିଲାରୁ ଶହେରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା ପ୍ରତିଯୋଗି ଅଂଶଗ୍ରହଣ କରୁଛନ୍ତି। ଜାତୀୟ ରେଫରୀ ଏମ. ରିତିକ ରଞ୍ଜନ ମହାପାତ୍ର ଓ ଶିବାନନ୍ଦ ରୟଗୁରୁ ଏହି ପ୍ରତିଯୋଗିତା ପରିଚାଳନା କରିବା ପାଇଁ ଓଡିଶା ଟାଏକୋଣ୍ଡୋ ସଂଘ ଦ୍ୱାରା ନିଯୁକ୍ତି କରାଯାଇଛନ୍ତି। ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ, ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଜିଲ୍ଲା ସଂଘର ସଭାପତି ପ୍ରତାପ କୁମାର ମୁଖି ଓ ସମ୍ପାଦକ ପ୍ରଭାତ କୁମାର ସାହୁ ଉଦଘାଟନ କରିଥିଲେ। କନ୍ଧମାଳ ଜିଲ୍ଲାର କୋଚ ରମାକାନ୍ତ ବେହେରା, ପ୍ରିତମ କୁମାର ପ୍ରଧାନ ଓ ମଦନ ଦଳବେହେରା ସହଯୋଗ କରିଥିଲେ।

ବ୍ରାହ୍ମଣୀପାଳ ଟାଟାଷ୍ଟିଲ ପ୍ଲାଂଟ ସମ୍ମୁଖରେ ଶ୍ରମିକଙ୍କ ଧାରଣା: ସମାଧାନର ନା ନେଉନାହାନ୍ତି କମ୍ପାନୀ କର୍ତ୍ତୃପକ୍ଷ

ହରିଚନ୍ଦନପୁର, ୨୫/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବ୍ରାହ୍ମଣୀପାଳ ଟାଟାଷ୍ଟିଲ ଫେରୋ ଆଲୋଏଜ ପ୍ଲାଂଟରେ ଶ୍ରମିକମାନଙ୍କ ଦରମା ବୃଦ୍ଧି ଦାବିକୁ ନେଇ ୫ ଦିନ ହେବ ଶ୍ରମିକମାନେ ପ୍ଲାଣ୍ଟର ମୂଖ୍ୟ ଫାଟକରେ ଧାରଣାରେ ବସିଛନ୍ତି। ଦୀର୍ଘ ୫ଦିନ ହେଲା ପ୍ଲାଂଟ ଅଚଳ ଅବସ୍ଥାରେ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ସମାଧାନର ନା ନେଉନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏହି ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନକରି ମେସିନ ଓ ଅନ୍ୟ ଅଂଚଳର ଶ୍ରମିକଙ୍କ ଦ୍ୱାରା ପ୍ଲାଂଟ କାର୍ଯ୍ୟ ଚଳାଇବାକୁ କମ୍ପାନୀ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି। ଶହଶହ ପୁରୁଖା ଶ୍ରମିକଙ୍କୁ ଛାଡ଼ି କମ୍ପାନୀ କାର୍ଯ୍ୟ ଚଳାଇଲେ ଧାରଣାକୁ ଜୋର୍ ଜାର କରାଯିବା ସହ ଆନ୍ଦୋଳନକୁ ତୀବ୍ର କରିବାକୁ ୟୁନିୟନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ପୂର୍ବରୁ ସମାଧାନ ନିମନ୍ତେ ପ୍ରଶାସନ ପକ୍ଷରୁ ଦୈତାରୀ ଥାନାରେ ଆଲୋଚନା କରାଯାଇଥିଲା, ହେଲେ ଲିଖିତ ନଦେବା କାରଣରୁ ଆଲୋଚନା ବିଫଳ ହୋଇଥିଲା। ଶ୍ରମିକଙ୍କ ହକ ପାଇଁ ଲଢେଇକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଚୁପ୍ ରହିଥିବାବେଳେ ଧାରଣା ଆଜି ପର୍ଯ୍ୟନ୍ତ ଜାରି ରହିଛି । ଧାରଣାରେ ବସିଥିବା ଶହଶହ ଶ୍ରମିକ ନିଜ ନିଜର ହକ ପାଇଁ ଲଢେଇ ଜାରି ରଖିବା ପାଇଁ ଲଘୁଚାପ ଜନିତ ବର୍ଷାକୁ ଖାତିରି ନକରି ଭୋକ ଉପାସରେ ବସିଛନ୍ତି। ପ୍ଲାଂଟ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଦେବାପାଇ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ନିୟୋଜିତ କରିଥିବା ବେଳେ ପୋଲିସ ପେଟ୍ରୋଲିଙ୍ଗକୁ କଡ଼ା କଡ଼ି କରିଛି। ଧାରଣା ଆରମ୍ଭ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ନିଜର ପାରିବା ପଣିଆ ଦେଖେଇବାକୁ ଯାଇ ଶହଶହ ଶ୍ରମିକଙ୍କ ଖାଦ୍ୟ ପାଇଁ ଟୁକୁନ୍ କଟିଥିବା ସତ୍ତ୍ୱେ ସେମାନଙ୍କୁ ଖାଦ୍ୟ ନଦେଇ ଫୋପାଡି ଥିବା ଘଟଣା ବର୍ତମାନ ଅଭିଯୋଗର କେନ୍ଦ୍ରବିନ୍ଦୁ ପାଲଟିଛି । ପ୍ରଶାସନ ଶହଶହ ଗରିବ ଶ୍ରମିକଙ୍କ ପ୍ରତି ଦୃଷ୍ଟି ନଦେବା ଘଟଣାକୁ ନେଇ ଜନସାଧାରଣରେ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି ।

କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ବୈଠକ

କେନ୍ଦ୍ରାପଡ଼ା, ୨୫/୦୭ (ନି.ପ୍ର): କେନ୍ଦ୍ରୀୟ ସଂଗଠନ ଓ ଟ୍ରେଡ ୟୁନିୟନ ସମନ୍ୱୟ ସମିତି ଆହ୍ୱାନରେ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଭୁବନେଶ୍ୱର ରେ ସଫଳ କରିବା ପାଇଁ ଜିଲ୍ଲା ସ୍ତରୀୟ ବୈଠକ କଜଳା ସ୍ଥିତ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯା

ନିଅନ୍ତୁ ଖାସ୍ ଯତ୍ନ

ସମାଜ ପୂର୍ବାପେକ୍ଷା ବହୁତ ବଦଳିଛି ଏକ କଥା ସତ । କିନ୍ତୁ ଏବେ ବି ବଦଳି ନାହିଁ ଆମର ମାନସିକତା । ସେକ୍ସ ଓ ଯୌନାଙ୍ଗକୁ ନେଇ ସର୍ବାସାଧାରଣ ସ୍ଥାନରେ ଚର୍ଚ୍ଚା ହେବେ ଆମକୁ ଲାଜ ଲାଗେ । ଅବଶ୍ୟ ଲାଜ କରିବା ଭୁଲ ନୁହେଁ, ମାତ୍ର ମହିଳାଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଜରୁରୀ । ମହିଳାମାନେ ବାହ୍ୟ ସୌନ୍ଦର୍ଯ୍ୟର ବେଶ୍ ଯତ୍ନ ନେଇଥାନ୍ତି । କିନ୍ତୁ ଯୌନାଙ୍ଗରେ ସ୍ୱଚ୍ଛତା ପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ ।। ଏହା ବ୍ୟତୀତ ମହିଳାମାନେ ନିଜକୁ ପାରିବାରିକ ଏବଂ ବୃ ିଗତ ଜୀବନରେ ବ୍ୟସ୍ତ ରଖୁଥିବା ବେଳେ ଶରୀରର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ । ଫଳରେ ଯୌନାଙ୍ଗରେ ବିଭିନ୍ନ ସଂକ୍ରମଣ ଦେଖାଯିବା ସହ ସର୍ଭିକାଲ କ୍ୟାନସର ହେବାର ସମ୍ଭାବନା ରହିଛି ।

- ଅନେକ ସମୟରେ ମହିଳାମାନଙ୍କ ଯୌନାଙ୍ଗ କୁଣ୍ଡାଇ ହୁଏ । ଏଥିପାଇଁ ମହିଳାମାନେ ଅନେକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୁଅନ୍ତି । ଜୀବାଣୁ ଜନିତ ସଂକ୍ରମଣ, ମାସିକ ଋତୁସ୍ରାବ ବନ୍ଦ ହେବା ସମୟରେ ହରମୋନ ପରିବର୍ତ୍ତନ, ଯୌନାଙ୍ଗ ନିକଟ ଓଦା ରହିବା ଅଥବା ଓଦା ପୋଷାକ କାରଣରୁ ଏହା ହୋଇଥାଏ ।

- ଯୌନାଙ୍ଗ ସଫା କରିବା ପାଇଁ ସାଧାରଣ ସାବୁନ୍ ବା କୌଣସି କ୍ଲିନଜର ବ୍ୟବହାର କରନ୍ତୁ ନାହିଁ । ଏହାଦ୍ୱାରା ଭଲ ବ୍ୟାକ୍ଟେରିଆ ନଷ୍ଟ ହେବା ସହ ସଂକ୍ରମଣ ଆଶଙ୍କା ବଢ଼ିଥାଏ । ପିଏଚଯୁକ୍ତ ଲୋସନ ଯେପରିକି 'ଭି ୱାସ' ଭଳି ଉତ୍ପାଦ ବ୍ୟବହାର କଲେ ସଂକ୍ରମଣ କମ୍ ହୁଏ । ସାବୁନରେ ଏକ ପିଏଚ ଫ୍ୟାକ୍ଟର ୫.୫ରହିଛି ଯାହା ଚର୍ମ ପିଏଚ ଫାକ୍ଟର ସହ ସମାନ । ଯୌନାଙ୍ଗ ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେ କ୍ଷେତ୍ରରେ ପିଏଚ୍ ସ୍ତର ୩.୮ରୁ ୪.୫ ପର୍ଯ୍ୟନ୍ତ ରହିଥାଏ । ସର୍ବଦା ଯୌନାଙ୍ଗ ପିଏଚ ସ୍ତର ଠିକ୍ ରଖନ୍ତୁ ।

- ଯୌନାଙ୍ଗକୁ ସର୍ବଦା ଶୁଖିଲା ଏବଂ ସଫା ରଖନ୍ତୁ । ଗାଧୋଇବା କିମ୍ବା ଶୌଚାଳୟରୁ ଆସିବା ପରେ ଉକ୍ତ ସ୍ଥାନକୁ ଶୁଖିଲା ସୂତା କପଡ଼ା ଅଥବା ଟିସୁରେ ଭଲ ଭାବେ ପୋଛି ଟାଲକମ ପାଉଡ଼ର ବ୍ୟବହାର କରନ୍ତୁ ।

- ଟାଇଟ ଅନ୍ତବସ୍ତ୍ର ପିନ୍ଧିବା ଦ୍ୱାରା ବେଳେବେଳେ ଏହି ସ୍ଥାନ କୁଣ୍ଡାଇ ହୋଇଥାଏ ।

- ଋତୁସ୍ରାବ ସମୟରେ ବ୍ୟବହାର କରୁଥିବା ନାପକିନକୁ ୫ରୁ ୭ ଘଣ୍ଟା ମଧ୍ୟରେ ପରିବର୍ତ୍ତନ କରନ୍ତୁ । କାରଣ ଏହା ଅଧିକ ସମୟ ରହିଲେ ସଂକ୍ରମଣ ଆଶଙ୍କା ଥାଏ ।

- ମହିଳାମାନେ ସହବାସ ପରେ ଯୌନାଙ୍ଗକୁ ପରିଷ୍କାର କରିବା ଏକାନ୍ତ ଆବଶ୍ୟକ । ନିୟମିତ ପ୍ରଚୁର ପରିମାଣରେ ପାଣି ପିଇଲେ ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମଣରୁ ଦୂରେଇ ରଖିଥାଏ । ଯୌନାଙ୍ଗ ସଂକ୍ରମଣ ହେବା ଦ୍ୱାରା ସର୍ଭିକାଲ କର୍କଟ ହେବାର ଭୟ ରହିଛି । ତେଣୁ ଯଥା ସମ୍ଭବ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଅନ୍ତୁ ।

ନେକ୍‌ଲେସ୍ ଫ୍ୟାଶନ

ରିଙ୍ଗ ଲୁକ୍ ନେକ୍‌ଲେସ୍:-

ଏହି ନେକ୍‌ଲେସ୍କୁ ୱେଷ୍ଟନ ଏବଂ ଇଣ୍ଡିଆନ ଉଭୟ ଡ୍ରେସ୍ ସହ ପିନ୍ଧିପାରିବେ । ଏହା ଖୁବ୍ ହାଲକା । ପିନ୍ଧିଲେ କମ୍ଫର୍ଟେବୁଲ ଓ ଷ୍ଟାଇଲିଶ ଲାଗିଥାଏ ।

ଚୋକର ନେକଲେସ୍:-

ବେକର ଗୋଲେଇ ସହ ସମାନ ଅବା ଟିକେ ଲମ୍ବା ଆକାରର ହୋଇଥାଏ ଏହି ନେକ୍‌ଲେସ୍ । କାର୍ପେଟରେ ଭେଲଭେଟ୍, ପ୍ଲାଷ୍ଟିକ୍, ଚମଡ଼ା, ସିଲଭର, ଗୋଲଡ ଓ ପ୍ଲାଟିନମ୍ ଆଦି ମ୍ୟାଟେରିଆଲର ଏହି ନେକ୍‌ଲେସ୍ ମିଳୁଛି । ଏହା ଉଭୟ ସାଂସ୍କୃତିକ ଏବଂ ଷ୍ଟାଇଲିଶ ଲୁକ୍ ଦେଇଥାଏ । ଏହାକୁ ଆପଣ ଗାଉନ୍, ଲେହେଙ୍ଗା, ଶାଢ଼ି ଏବଂ

ଲଙ୍ଗ କୁର୍ତ୍ତି ସହ ପିନ୍ଧିପାରିବେ ।

ଷ୍ଟଡ୍ସ ନେକଲେସ୍:-

ଏହି ନେକଲେସ୍‌କୁ ଆପଣ ୱେଷ୍ଟର୍ନ ଡ୍ରେସ ସହ ପିନ୍ଧିପାରିବେ ।

ମେଟଲ ନେକଲେସ୍:-

ମେଟଲ ନେକଲେସକୁ ଆପଣ ୱେଷ୍ଟର୍ନ ଏବଂ ଇଣ୍ଡିଆନ ଉଭୟ ଡ୍ରେସ୍ ସହ ପିନ୍ଧିପାରିବେ । ଆପଣ ଚାହିଁଲେ ଏହାକୁ ଡ୍ରେସ୍ ସହ ପିନ୍ଧି ଅଫିସ୍ ମଧ ଯାଇପାରିବେ ।

ସୁଖୀ ଦାମ୍ପତ୍ୟ ପାଇଁ ଆପଣାନ୍ତୁ ଏହି ୫ଟି କଥା

ଦାମ୍ପତ୍ୟ ଜୀବନର ଦେବତା ହେଉଛନ୍ତି ଶିବ । ଝିଅମାନେ ଭଲ ବର ପାଇବା ପାଇଁ ତ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ବେଦେବ ମହାଦେବଙ୍କର ଉପାସନା କରିଥାନ୍ତି । ୧୨ମାସ ଭିତରୁ ଶ୍ରାବଣ ମାସ ଶିବଙ୍କର ସବୁଠାରୁ ପ୍ରିୟମାସ ଭାବରେ ଜଣାଯାଏ । କାରଣ ଏହି ମାସରେ ପ୍ରଭୁ ଶିବ ପାବର୍ତୀ ମାଙ୍କୁ ବିବାହ କରିଥିଲେ । ତେବେ ଏହି ଶ୍ରାବଣ ମାସରେ ପ୍ରତ୍ୟେକ ଦମ୍ପତୀଙ୍କୁ ସୁଖୀଦାମ୍ପତ୍ୟ ଜୀବନ ପାଇଁ ଭଗବାନ ଶିବଙ୍କ ଠାରୁ ଏହି ୫ଟି କଥା ଶିଖିବା ଦରକାର ।

ସମାନତାର ଅଧିକାର:- ଭଗବରନ ଶିବଙ୍କୁ ଅର୍ଧନାରୀଶ୍ୱର ବୋଲି କୁହାଯାଏ । କାରଣ ଶିବଙ୍କ ପ୍ରତିମୂର୍ତ୍ତିରେ ଭଗବାନ ଅଧା ନାରୀ ଓ ଅଧା ପୁରୁଷ ସ୍ୱରୂପ ରେ ଦେଖାଯାନ୍ତି । ଏହି ସ୍ୱରୂପ ମାଧ୍ୟମରେ ଭଗବାନ ଶିବ ସବୁ ବିବାହିତ ଯୋଡ଼ିଙ୍କୁ କହିବାକୁ ଚାହଁଛନ୍ତି କି ସ୍ୱାମୀ ସ୍ତ୍ରୀ ଶରୀରିକ ରୂପେ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେମାନେ ମନ ଭିତରେ ଏକ ବା ଅଭିନ୍ନ ।

ଭଲପାଇବା:- ଶିବଙ୍କ ବେକରେ ସାପ ଥାଇ ମଧ୍ୟ ପାର୍ବତୀ ତାଙ୍କୁ ବିବାହ କରିଥିଲେ ଏଥିରୁ ଜଣାଯାଇଛି ସୁଖୀ ଦାମ୍ପତ୍ୟ ପାଇଁ ସୁନ୍ଦରତା କୌଣସି ପ୍ରକାରେ ମାନେ ରଖେନାହିଁ । ସୁଖୀ ଦାମ୍ପତ୍ୟ ପାଇଁ କେବଳ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲପାଇବା ଓ ସମର୍ପଣଭାବର ହିଁ ଆବଶ୍ୟକତା ଥାଏ ।

ଶତୋଟପଣିଆ:- ଯେତେବେଳେ ଶିବଙ୍କର ଅପମାନରେ ମାଁ ପାର୍ବତୀ ଶତୀ ହୋଇଯାଇଥିଲେ ସେହି ସମୟରେ ଶିବ ନିଜର ତାଣ୍ଡବ ରୂପ ଧାରଣ କରି ସଂସାର ଧ୍ୱଂସ କରିବାକୁ ବସିଥିଲେ । ପରେ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଶାନ୍ତ ହୋଇଥିଲେ ଏଥିରୁ ଯଣା ଯାଉଛି କି ଶିବଙ୍କର ପାର୍ବତୀଙ୍କ ପ୍ରତିଥିବା ଅଗାଧ ପ୍ରେମ ଓ ପ୍ରେମରେ ଥିବା ସଚ୍ଚୋଟ ପଣିଆ ।

ଜଣେ ଭଲ ମୁଖିଆ:- ପରିବାରର ମୁଖ୍ୟଲେଶକ ଯେପରି ପରିବାରର ସମସ୍ତ ଦାୟୀତ୍ୱ ସୁଚାରୁ ରୂପେ ତୁଲେଇଥାନ୍ତି । ଭଗବାନ ଶିବ ନିଜ ପରିବାରକୁ ସଠିକ ଭାବେ ଚଳାଇଥାନ୍ତି । ଭଗବାନ ଶିବଙ୍କ ବାହନ ଓ ମାଁ ପାର୍ବତୀଙ୍କ ବାହନ ମଧ୍ୟରେ ଶତ୍ରୁତାର ସମ୍ପର୍କ ଥିଲେ ମଧ୍ୟ ସେମାନେ କେବଳ ଯାକୁ ନେଇ ମତଭେଦର ଶୀକାର ହୋଇନାହାନ୍ତି । ଦାମ୍ପତ୍ୟ ଜୀବନର ବିଶମ ପରିସ୍ଥିତରେ ଶିବ ସବୁବେଳେ ପରିବାରକୁ ସାଥିରେ ନେଇ ଯାଇଥାନ୍ତି ।

କଫି ପିଅନ୍ତୁ: ଦୀର୍ଘାୟୁ ହେବେ

ଆପଣ ଦୀର୍ଘାୟୁ ହେବାକୁ ଚାହାଁନ୍ତି କି ? ତେବେ କଫିକୁ କରନ୍ତୁ ନିଜର । ଏକ ଅଧ୍ୟୟନୁ ଜଣାପଡ଼ିଛି କଫି ବ୍ୟବହାର ଯୋଗୁଁ କିଡନୀ ରୋଗାଗ୍ରସ୍ତ ଥିବା ବ୍ୟକ୍ତିର ଜୀବନକାଳ ମଧ୍ୟ ବଢ଼ିପାରିବ । ଯେଉଁ ବ୍ୟକ୍ତି ଯେତେ କଫି ପିଅନ୍ତି ସେମାନଙ୍କ ମଧ୍ୟରେ ମୃତ୍ୟୁର ଆଶଙ୍କା ୨୪ ପ୍ରତିଶତ କମ ହୋଇଯାଏ । ମାତ୍ର ଅଳ୍ପ ମାତ୍ରାରେ କଫି ପପିଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହା ୧୨ ପ୍ରତିଶତ କମ୍ ଦେଖାଯାଇଥାଏ ।

ପ □ ୍ ଗ । ଳ ସହରସ୍ଥିତ ସେ[। ହସ୍ପିଟାଲର ଜଣେ ବିଶେଷଜ୍ଞଙ୍କ ମତ ଅନୁସାରେ ଜଣାପଡ଼ିଛି ଯେ, କିଡନୀ ରୋଗାକ୍ରାନ୍ତ ବ୍ୟକ୍ତି ଅଧିକ ମାତ୍ରାରେ କଫି ପିଇବା ଉଚିତ । ଏହାଦ୍ୱାରା ମୃତ୍ୟୁ ଆଶଙ୍କା ଦୂରହୁଏ । ଏହା ଏକ ସରଳ ଏବଂ ଶସ୍ତା ବିକଳ୍ପ ରୂପେ ପ୍ରମାଣିତ ହୋଇଛି । ଗବେଷକ ସିକେଡ଼ି ରୋଗରେ ଆକ୍ରାନ୍ତ ୨୩୨୮ ରୋଗୀଙ୍କୁ ନେଇ ଅଧ୍ୟୟନ କରିଥିଲେ । ଏହି ଗବେଷଣାକୁ ନ୍ୟୁ ଏରାଲେନ୍ସରେ ହେଉଥିବା ଏଏସଏନ କିଡନୀ ସପ୍ତାହରେ ପ୍ରଦର୍ଶନ କରାଯିବ । ଗୋଟେ କପ କଫି ପିଇବା ଦ୍ୱାରା ଆଖିକୁ ଭଲ ଲାଭ ମିଳିଥାଏ । ଆମେରିକାନ କେମିକାଲ ସୋସାଇଟି ତଥ୍ୟ ଅନୁସାରେ, କଫି ପିଇବା ଦ୍ୱାରା ମଧୁମେହ ରୋଗରୁ ମଧ୍ୟ କିଛି ମାତ୍ରାର ଉପଶମ ମିଳିଥାଏ ।

ମୁଖରୁ କଳା ଦାଗ ଦୂର କରିବା ପାଇଁ

ମୁହଁରେ ବ୍ରଣହେବା ମହିଳାମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା । କିନ୍ତୁ ଏହି ବ୍ରଣ ଝାଡ଼ିଦେଇ ଯାଇଥିବା କଳାଦାଗ ବ୍ରଣଠାରୁ ମଧ ବଡ଼ ସମସ୍ୟା । ଏହି ସମସ୍ୟାକୁ ଦୂର କରିବା ପାଇଁ ମହିଳାମାନେ ଅନେକ ପ୍ରକାର କସମେଟିକ୍ ଏବଂ ଘରୋଇ ଉପଚାରକୁ ଆପଣାଇଥାନ୍ତି । ହେଲେ ଆଶାତୀତ ଫଳ ପାଇନଥାନ୍ତି । ଏବେ ଏହି କଳାଦାଗର ସମସ୍ୟାକୁ କରନ୍ତୁ ଦୂର ।

ଦୁଇଟି ଆଳୁକୁ ଭଲଭାବରେ ଗ୍ରାଇଣ୍ଡିଙ୍ଗ କରନ୍ତୁ ଏବଂ ଏଥିରେ ଗୋଲାପ ଜଳ, ଲେମ୍ବୁ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଫ୍ରଜର ଆଇସ୍ ବକ୍ସକୁ ଆଣି ଏହି ମିଶ୍ରଣକୁ ଢ଼ାଳନ୍ତୁ ।ଏବଂ ପ୍ରତିଦିନ ଏହି ବରଫକୁ ମୁହଁରେ ଶୋଇବା ପୂର୍ବରୁ ବା ସକାଳେ ଉଠିବାପୂର୍ବରୁ ଭଲ ଭାବରେ ଘସି ୧୦ମିନିଟ ପାଇଁ ଛାଡ଼ି ମୁହଁ ଧୋଇଦିଅନ୍ତୁ । ପ୍ରତି ଦୁଇଦିନ ବ୍ୟବଧାନରେ ଏପରି କରନ୍ତୁ ଦେଖିବେ ଆପଣଙ୍କ କଳାଦାଗ ଧିରେଧିରେ ଦୂର ହେବାକୁ ଲାଗିବ ।

ଯୁବପିଢ଼ିଙ୍କ ନୂଆ ପାଠ୍ୟକ୍ରମ: ମେସିନ୍ ଲର୍ଣ୍ଣିଙ୍ଗ୍

ଇଉରୋପୀୟ ଓ ଆମେରିକୀୟ ରାଷ୍ଟ୍ରରେ ଫାଷ୍ଟ ଫୁଡ୍ ଦୋକାନ ସଫି ମଲ ଓ କେତେକ ଚିକିତ୍ସାଳୟରେ ଆଜିକାଲି ଯନ୍ତ୍ରଚଳିତ ମାନବ ତଥା ରୋବଟ୍ ହିଁ ସ୍ୱାଗତ କରୁଥିବାର ଦେଖାଯାଉଛି । ଲୋକେ ଏଇ ନୂତନ ରୋବଟ୍ ସେବାକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏସବୁ ସହ ଆଗେଇବାକୁ ମଧ ପ୍ରସ୍ତୁତ ହେଲେଣି । ଜାପାନର ଏକ ନାମୀ ହୋଟେଲ ୩ବର୍ଷ ତଳେ ହିଁ ୨୦ଟି ରୋବଟ୍‌ଙ୍କୁ କର୍ମଚାରୀ ଭାବେ ନିଯୁକ୍ତି ଦେଇଥିବାର ପ୍ରକାଶ । ହୋଟେଲର ମ୍ୟାନେଜରଙ୍କ ମତରେ ଅନେକ କାମ ସୁରୁଖୁରରେ ହେବା ସହ ଏକ ନିର୍ଦ୍ଦିଷ୍ଟ ସମୟରେ କାମ ସାରିବାକୁ ନେଇ ବ୍ୟତିବ୍ୟସ୍ତ ହେବାର ନାହିଁ । ବିଭିନ୍ନ କମ୍ପାନୀ ଓ କେତକ ବ୍ୟାଙ୍କରେ ରୋବେଟ୍ ଓ ଚ୍ୟାଟବୋଟ୍ ହିଁ ଗ୍ରହକଙ୍କ ଅଧିକାଂଶ ସମସ୍ୟାର ସମାଧାନ କରୁଥିବାର ଦେଖାଯାଉଛି । ବିଶେଷଜ୍ଞଙ୍କ ଦଳଙ୍କ ମତରେ ୨୦୨୦ ସୁଦ୍ଧା ଏହି ଯନ୍ତ୍ରଚଳିତ ମାନବର ଲୋକପ୍ରିୟତା ଶୀର୍ଷରେ ପହଞ୍ଚିବ ବୋଲି ଅନୁମାନ ରହିଛି । ଏଣୁ ଏହି ରୋବଟ୍ ନିର୍ମାଣ କ୍ଷେତ୍ରରେ ଯୁବପିଢ଼ିଙ୍କ ଅବଦାନ ଆବଶ୍ୟକ ହେଲାଣି । ମେସିନ୍ ଲର୍ଣ୍ଣିଙ୍ଗ ପାଠ୍ୟକ୍ରମ ବୀଉିୟ ହେଲେ ହେଁ ଚାକିରୀର ବ୍ୟାପକ ସୁଯୋଗ ଥିବାର ବିଶେଷଜ୍ଞଙ୍କ ମତ ୩ବର୍ଷର ଅନୁଧ୍ୟାନରୁ ଜଣାପଡ଼ିଛି ଯେ ମେସିନ୍ ଲର୍ଣ୍ଣିଙ୍ଗ କ୍ଷେତ୍ରରେ ୩୫ଲକ୍ଷ ନୂତନ ସୁଯୋଗ ବାହାରିଛି । ୨-୪ ବର୍ଷର ଅଭିଜ୍ଞତା ଥିଲେ ଏହି କ୍ଷେତ୍ରରେ ୨୦ଲକ୍ଷ ପ୍ୟାକେଜ ମିଳିଥାଏ ବୋଲି ପ୍ରକାଶ ।

୫୭ଲକ୍ଷ ବର୍ଷ ପୁରୁଣା ପାଦ ଚିହ୍ନ

ଜୀବ ଜଗତର ଉତ୍ପତ୍ତି ନେଇ ଗବେଷକମାନେ ନିରନ୍ତର ଗବେଷଣା ଚଳାଇଛନ୍ତି । ବିଶେଷ କରି ମାନବଜାତିର ବିକାଶକୁ ନେଇ ସେପରି କିଛି ଠୋସ୍ ପ୍ରମାଣ ମିଳିପାରୁ ନାହିଁ, ଯାହାକୁ ସମସ୍ତେ ବିଶ୍ୱାସ କରିପାରିବେ । ଏହି ଧାରାରେ ଗବେଷକମାନେ ଗ୍ରୀସ୍‌ର ଏକ ଦୀପରୁ ଯେଉଁ ସନ୍ଧାନ ପାଇଛନ୍ତି ତାହା ଗବେଷଣାର ଧାରାକୁ ଆହୁରି ଆଗକୁ ନେବ ବୋଲି କୁହାଯାଉଛି ।

ଏଠାକାର ଭୂତତ୍ତ୍ୱବିତ୍ତମାନେ ଗ୍ରୀସ୍‌ର ୱେଷ୍ଟର୍ଣ୍ଣ କ୍ରେଟ୍‌ର ଦୀପରୁ ପାଇଛନ୍ତି ଏକ ମାନବ ପଦଚିହ୍ନ । ଏହା ୫୭ଲକ୍ଷ ବର୍ଷ ପୁରୁଣା ବୋଲି କୁହାଯାଉଛି । ପୂର୍ବରୁ ଆଫ୍ରିକାରେ ମିଳିଥିବା ପଦଚିହ୍ନ ଠାରୁ ଏହା ଆହୁରି ପୁରୁଣା । ପାଦରେ ଆକାର ସହ ଆଙ୍ଗୁଠି ଏବଂ ଆଙ୍ଗୁଠିର ଗୋଲେଇ ଏହି ଚିହ୍ନରୁ ସ୍ପଷ୍ଟ ଜଣାପଡୁଛି । ଏହି ମଣିଷର ପଦଚିହ୍ନ ବୋଲି ସ୍ପଷ୍ଟ ହେବାପରେ ଗବେଷକମାନେ ଏହି ଧାରାରେ ଆହୁରି ଆଗକୁ ଯିବାକୁ ବାଟ ପାଇଛନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପୁଣି ବନ୍ଧୁତ୍ୱର ହାତ...

ଦକ୍ଷିଣ ଏସିଆର ଦୁଇ ପଡ଼ୋଶୀ ରାଷ୍ଟ୍ର ଭାରତ ଓ ଶ୍ରୀଲଙ୍କା ପୁଣିଥରେ ନିବିଡ଼ ସମ୍ପର୍କରେ ଯୋଡ଼ି ହେବାକୁ ଯାଉଛନ୍ତି ପୂର୍ବ ଭଳି । ପୂର୍ବ ଭଳି କହିବାର ଅର୍ଥ- ଇତିହାସ ସାକ୍ଷୀ, ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପର୍କ କାହିଁ କେଉଁ ସୁଦୂର ଅତୀତରୁ ରହି ଆସିଛି। ପରନ୍ତୁ, ମଝିରେ କିଛି ବିଦେଶୀ ଶକ୍ତିଙ୍କ ହସ୍ତକ୍ଷେପ ଏଇ ସମ୍ପର୍କରେ ଫାଟ ସୃଷ୍ଟି କରିବାର ଉଦ୍ୟମ କରି କେତେକାଂଶରେ ସଫଳ ମଧ୍ୟ ହୋଇଥିଲେ । ତେବେ, ଆମ ଓଡ଼ିଆରେ କଥାଟିଏ ନାହିଁ- 'ଦଶ ବରଷ ମଉଳା ପୋଷେ, ଖୁଡୁତା ଦେଖିଲେ ଜଂଘରେ ବସେ।' ଠିକ୍ ସେମିତି ଏବେ ପୁଣିଥରେ ଦୁଇ ରାଷ୍ଟ୍ରଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବାକୁ ଯାଉଛି କଥାଟା । ଗତ ସପ୍ତାହରେ ଶୁକ୍ରବାର ଦିନ ପ୍ରାୟ ବର୍ଷକ ପୂର୍ବେ ଶ୍ରୀଲଙ୍କାର ରାଷ୍ଟ୍ରପତି ହୋଇଥବା ରାନିଲ ୱିକ୍ରମସିଂଘେ ତାଙ୍କର ପ୍ରଥମ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ବେଶ୍ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ସମୟରେ ଆଶାନୁରୂପ ଭାବରେ ଭାରତ ଶ୍ରୀଲଙ୍କା ସମ୍ବିଧାନର ତ୍ରୟୋଦଶ ସଂଶୋଧନକୁ କାର୍ଯ୍ୟକାରୀ କରିବାକୁ କହି ପରସ୍ପରଙ୍କ 'ସମ୍ବେଦନଶୀଳତାଗୁଡ଼ିକୁ' ସମ୍ମାନ ପ୍ରଦର୍ଶନ କରିବାକୁ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କଠାରୁ ଆଶା କରିଛି । ଏହି ଗସ୍ତ କାଳରେ ଶ୍ରୀଲଙ୍କାକୁ ଭାରତ ସହିତ ଯୋଡ଼ିବା ନିମନ୍ତେ ଏକ ଭୂଭାଗ ପୋଲ ନିର୍ମାଣ କରାଯିବାର ପ୍ରସଙ୍ଗ ମଧ୍ୟ ଉଠିଛି । କହିବା ବାହୁଲ୍ୟ, ଏହା ରାମାୟଣର ସେତୁବନ୍ଧ କଥାକୁ ପୁନର୍ବାର ସ୍ମରଣ କରାଇ ଦେଇଛି । ପୁନଶ୍ଚ, ଏହା ମଧ୍ୟ ୧୯୮୦ ଦଶକର ପ୍ରଥମ ଭାଗରେ ଶ୍ରୀଲଙ୍କାରେ ସିଂହଳୀ ଏବଂ ତାମିଲମାନଙ୍କ ମଧ୍ୟରେ ଦେଖା ଦେଇଥିବା ସାମ୍ପ୍ରଦାୟିକ ସଂଘର୍ଷ ପରଠାରୁ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଏଯାବତ୍ ଏଭଳି ନିବିଡ଼ତା ସମ୍ପର୍କରେ ଆଲୋଚନା ନହେବାକୁ ସୂଚାଇଛି । ଏଥିରୁ ମନେହୁଏ, ଶ୍ରୀଲଙ୍କା ଏବେ ସାମ୍ପ୍ରତିକ ସମୟର ଭୂରାଜନୀତିକ ସ୍ଥିତିକୁ ଭଲ ଭାବରେ ହୃଦୟଙ୍ଗମ କରି ସାରିଛି ଏବଂ ବିଳମ୍ବରେ ହେଲେ ସୁଦ୍ଧା ଚୀନ୍‌ର ଆଲିଙ୍ଗନରୁ ନିଜକୁ ମୁକୁଳାଇବାକୁ ଚାହୁଁଛି । ଚୀନ୍‌ର ରଣ ଯନ୍ତା କୂଟନୀତି ପଞ୍ଜାରେ ପଡ଼ି ଯନ୍ତ୍ରଣା ଭୋଗିବା ପରେ ଏବଂ ଗତ ବର୍ଷ ଗୁରୁତର ଭାବରେ ଆର୍ଥିକ ଦେବାଳିଆ ଅବସ୍ଥାର ସମ୍ମୁଖୀନ ହୋଇ ସାରିବା ଉଭାରୁ- ଯେଉଁଥରେ ରାଜପାକ୍ଷମାନଙ୍କୁ ଶାସନ ଗାଦିରୁ ବିତାଡ଼ିତ କରାଗଲା- ଶ୍ରୀଲଙ୍କା ହୁଏତ ବର୍ତ୍ତମାନ ଏକ ସ୍ଥିର ଭବିଷ୍ୟତ ଚାହୁଁଛି ବୋଲି କୁହାଯାଇପାରେ, କାରଣ ଏହା ଚୀନ୍ ସହିତ ବନ୍ଧୁତାର କେତେ ମୂଲ୍ୟ ଦେବାକୁ ପଡ଼େ, ତାହା ଅନୁଭବ କରି ସାରିଛି । ଆର୍ଥିକ ଦୁରବସ୍ଥା କାଳରେ ଭାରତ ଏହାକୁ ପ୍ରଦାନ କରିଥିବା ୪ ବିଲିଅନ୍ ଡଲାରର ସହାୟତା ସହିତ ଆଇଏସ୍‌ଏଫ୍ ୨.୯ ବିଲିଅନ୍ ଡଲାର ଉଦ୍ଧାରକାରୀ ପ୍ୟାକେଜ୍, ଯାହା ଭାରତର ବିନା ହସ୍ତକ୍ଷେପରେ ଆଂଶିଟନ୍ ତରଫରୁ ସବୁଜ ସଙ୍କେତ ପାଇ ନଥାନ୍ତା– ଏସବୁକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଶ୍ରୀଲଙ୍କା ବସ୍ତୁତଃ ନିଜର ସ୍ଥିତିକୁ ସୁଦୃଢ଼ କରିବାକୁ ଚାହୁଁଛି, ଯାହା ଭାରତର ଦକ୍ଷିଣର ପଡ଼ୋଶୀ ଭାବରେ ଏକ ସ୍ୱାଭାବିକ ସ୍ଥିତି ପାଖାପାଖି ହେବ । ତେଣୁ ଗତ ସପ୍ତାହରେ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ଗସ୍ତ କେବଳ ଦେଖା ସାକ୍ଷାତ ଏବଂ ସ୍ୱାଗତ ସମ୍ବର୍ଦ୍ଧନା ଭିତରେ ସୀମିତ ନଥୁଲା, ବରଂ ଏକ ସୁଦୃଢ଼ ଭବିଷ୍ୟତ ନିର୍ମାଣ ସମ୍ପର୍କିତ ଥିଲା। ସଂଯୋଗକୁ ଏହି ସପ୍ତାହ ଥିଲା ଶ୍ରୀଲଙ୍କା ଦ୍ୱୀପରେ ତାମିଲମାନେ ପହଞ୍ଚିବାର ଦ୍ୱିଶତବାର୍ଷିକୀ ଉତ୍ସବ ପାଳନର ସପ୍ତାହ । ଏମିତି ଏକ ଶୁଭ ସମୟରେ ୱିକ୍ରମସିଂଘେ ଯେଉଁ ଭୂଭାଗ ପୋଲ ନିର୍ମାଣ ସମ୍ପର୍କରେ ପ୍ରସ୍ତାବ ଦେଇଛନ୍ତି, ତାହା ଫଳବତୀ ହେବା ପାଇଁ ହୁଏତ ବହୁ ସମୟ ଲାଗିଯାଇ ପାରେ, କିନ୍ତୁ ଏହା ଯେ କରାଯିବାକୁ ଶ୍ରୀଲଙ୍କା ଚାହୁଁଛି, ତାହା ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରୁଛି । ଗତ ସପ୍ତାହରେ ଭାରତ ଶ୍ରୀଲଙ୍କା ମଧ୍ୟରେ ଚାରିଗୋଟି ଚୁକ୍ତି– ବ୍ୟବସାୟ ବାଣିଜ୍ୟ, ଉଦ୍ୟୋଗ, ଭିଭିଭୂମି ଏବଂ ସବୁଜ ଶକ୍ତି କ୍ଷେତ୍ର ସହିତ ସମ୍ବନ୍ଧିତ ହୋଇଥିବା ବେଳେ ଏହା ଏକ ଭିନ୍ନ ଧରଣର ଭବିଷ୍ୟତର ସୂଚନା ପ୍ରଦାନ କରିଛି । ଶ୍ରୀଲଙ୍କାର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହୁଏତ ଏକ ନିଉ ନର୍ମାଲର ପ୍ରତିନିଧି କରୁଥାଇପାରେ, କାରଣ ଭାରତ-ଅଭିମୁଖୀ, ପାଶ୍ଚାତ୍ୟ ରାଷ୍ଟ୍ର-ଅଭିମୁଖୀ ୱିକ୍ରମସିଂଘେ ବର୍ତ୍ତମାନ ପଦବୀରେ ଅଛନ୍ତି। କିନ୍ତୁ ଭାରତ ପାଇଁ ଯାହା ବୁଝିବା ନିମନ୍ତେ ଅତ୍ୟନ୍ତ କଷ୍ଟକର ହେବ, ତାହା ହେଉଛି, ଶ୍ରୀଲଙ୍କା ସମ୍ବିଧାନର ଦୀର୍ଘ- ପ୍ରସ୍ତାବିତ ତ୍ରୟୋଦଶ ସଂଶୋଧନ ଯାହା ସୈଦ୍ଧାନ୍ତକ ଭାବରେ ଏହି ଦେଶର ଉତ୍ତର ଏବଂ ପୂର୍ବ ଭାଗରେ ରହୁଥିବା ତାମିଲମାନଙ୍କୁ ଦକ୍ଷିଣ ଭାଗରେ ଘଟିଥିବା ବିକାଶର ସୁବିଧାକୁ ହାସଲ କରିବାରେ ନିଷ୍ପକ୍ଷ ପହଞ୍ଚ ପ୍ରଦାନ କରିବ। ଶ୍ରୀଯୁକ୍ତ ୱିକ୍ରମସିଂଘେ ମଧ୍ୟ ଏହି ପ୍ରସ୍ତାବକୁ ନେଇ ଦ୍ୱନ୍ଦରେ ପଡ଼ିବେ, କାରଣ ସେ ମଧ୍ୟ ସଂଖ୍ୟାଗରିଷ୍ଠ ରାଜନୀତିର ଶିକାର ହୋଇ ପାରନ୍ତି, ଯେଉଁମାନେ ତାମିଲମାନଙ୍କୁ ସମ୍ପୂର୍ଣ୍ଣ ସୁବିଧା ଉପଭୋଗ କରିବାକୁ ଦେଇ ନ ପାରନ୍ତି ଏବଂ ଯେଉଁମାନେ କି ଦୀର୍ଘ ଦିନ ଧରି ଉତ୍ତର-ଦକ୍ଷିଣ ବିଭାଜନକୁ ଅନୁଭବ କରି ଆସିଛନ୍ତି। ଅପର ପକ୍ଷରେ, ଶ୍ରୀଲଙ୍କା ନୌବାହିନୀ ଦ୍ୱାରା ତାମିଲନାଡୁର ମତ୍ସ୍ୟଜୀବୀମାନଙ୍କ ପ୍ରତି ଆପଣା ଯାଉଥିବା ଆଭିମୁଖ୍ୟକୁ ନୂଆଦିଲ୍ଲୀ ଯେଉଁ ଦୃଷ୍ଟିରେ ଦେଖୁଛି, ଚେନ୍ନାଇବାସୀଙ୍କ ଦୃଷ୍ଟି ତା'ଠାରୁ ଭିନ୍ନ ହୋଇପାରେ । ତେବେ ଏସବୁ ପରେ ମଧ୍ୟ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରକୁ ରହିଥିବା ସାମୁଦ୍ରିକ ପଥରେ ଏହି ଦ୍ୱୀପପୁଞ୍ଜର କୌଶଳପୂର୍ଣ୍ଣ ଅବସ୍ଥିତି ଦୃଷ୍ଟିରୁ ସାମଗ୍ରିକ ଭାବରେ ଭାରତ ପ୍ରତି ଶ୍ରୀଲଙ୍କା ଢଳିବାକୁ ସ୍ୱାଗତ କରାଯିବା ଉଚିତ। ଭାରତ ଦୃଷ୍ଟିକୋଣରୁ ଏହି ନୂତନ ଯୁଗ ଯଥେଷ୍ଟ ପରିମାଣରେ ପ୍ରତିଶ୍ରୁତିପୂର୍ଣ୍ଣ ହେବାକୁ ଯାଉଛି ବୋଲି କୁହାଯାଇପାରେ ।

ବିଜୟ ଦିବସ

କାଳି ଦାସ

ବିଜୟ ଦିବସ ମହୋତ୍ସବର ଆନନ୍ଦ ସହିତ ଜଡିତ ହୋଇଥାଏ ହୃଦୟ ଭିତରର ଦୁଃଖ। ଦେଶଭକ୍ତଙ୍କୁ ହରାଇବାର ଦୁଃଖ।

କାନ ଭିତରେ ପ୍ରତିଧ୍ୱନି ବାଜେ 'ଏ ଦିଲ ମାଙ୍ଗେ ମୋର' ବିକ୍ରମ ବାତ୍ରା ଙ୍କର କହିଥିବା କଥା ପଦକ । ବିକ୍ରମ ବାତ୍ରା ମାତ୍ର ଚବିଶ ବର୍ଷ ବୟସ ର ଯୁବକ ଥିଲେ । କହୁଥିଲେ ଯଦି ଏହି ଚୋଟିକୁ ଜିତିବା ତାହେଲେ ଏହି ଚୋଟି ଉପରେ ତିରଙ୍ଗା ଉଡାଇବା । ଯଦି ଯୁଦ୍ଧ କରୁକରୁ ମୃତ୍ୟୁବରଣ କରିବା ତାହେଲେ ତିରଙ୍ଗାରେ ଓଢାଇ ହୋଇ ଫେରିବା । ଦେଶ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେବାର ସେଇ ଉତ୍ସାହ ଆଜି ମଧ୍ୟ ଆଖିରେ ଲୁହ ଭରି ଦେଉଛି । ମନେ ହେଉଛି ସତେ ଯେମିତି ମାତୃଭୂମି ଖୋଜୁଛି ତାର ଅମର ସନ୍ତାନଙ୍କୁ ଯେଉଁ ମାନେ ମାତୃଭୂମିର ସମ୍ମାନ ପାଇଁ ନିଜର ଆହୁତି ଦେଇଥିଲେ ।

ମରଣ ଶୀଳ ଦୁନିଆରେ ସେଇ ବୀର ପୁତ୍ର ମାନେ ଅମରତ୍ୱ ପାଇ ପାରିଛନ୍ତି ଯେଉଁ ମାନଙ୍କ ସ୍ମୃତିରେ ଅମର ଯବାନ ଜ୍ୟୋତି ଆହରହ ଜଳୁଛି । ଆଗାମୀ ପିଢ଼ିକୁ ସନ୍ଦେଶ ଦେଉଛି 'ଦେଶଭକ୍ତି କଣ' ।

ଆମ ଦେଶରେ ଆମେ ପ୍ରତିବର୍ଷ ୨୬ ଜୁଲାଇକୁ ବିଜୟ ଦିବସ ରୂପେ ପାଳନ କରିଥାଉ । କାର୍ଗିଲରେ ପାକିସ୍ଥାନ ସହିତ ହୋଇଥିବା ଯୁଦ୍ଧରେ ଆମେ ସମ୍ପୂର୍ଣ୍ଣ ରୂପରେ ବିଜୟ ଲାଭ କରିଥିଲୁ । ଭାରତର ବୀର ସୈନିକ ମାନେ ଲଢେଇ କରି ପାକିସ୍ଥାନ ଦ୍ୱାରା ଅଧିକୃତ ହୋଇଥିବା ଜାଗାକୁ ଫେରାଇ ଆଣିପାରିଥିଲେ ।

ଲଦାକରେ ଥିବା କାର୍ଗିଲ ଡିଷ୍ଟ୍ରିକ୍ଟରେ ମୁଖ୍ୟତଃ ଏହି ଯୁଦ୍ଧ ହୋଇଥିଲା । ଲଦାକରେ ହୋଇଥିବା ଏହି ଯୁଦ୍ଧ ସବୁଠାରୁ ଉଚ୍ଚ ସ୍ଥାନରେ ଏବଂ ପ୍ରବଳ ଥଣ୍ଡା ଜାଗାରେ ହୋଇଥିବା ଯୁଦ୍ଧ । ଏହି ଯୁଦ୍ଧକୁ ପୂର୍ବରୁ କେହି ଆଙ୍କଳନ କରିନଥିଲେ। କାରଣ ଭାରତ ଓ ପାକିସ୍ଥାନର ସମ୍ପର୍କରେ ସେମିତି କୌଣସି ତିକ୍ତତା ହୋଇନଥିଲା ।

ଭାରତ ଓ ପାକିସ୍ଥାନ ଦୁଇଟି ଯାକ ନ୍ୟୁକ୍ଲିୟେର ଷ୍ଟେଟ ଭାବରେ ବିଶ୍ୱ ରେ ପରିଚିତ ହୋଇଥିଲେ । ସେଥିପାଇଁ ସମଗ୍ର ବିଶ୍ୱ ଏହି ଦୁଇ ଦେଶର ଯୁଦ୍ଧକୁ ସତର୍କ ଭାବରେ ଅନୁଧ୍ୟାନ କରୁଥିଲା। ୧୯୯୯ ମେ ତିନି ତାରିଖରେ କିଛି ସ୍ଥାନୀୟ ମେଣ୍ଢା ଚରାଳି ପ୍ରଥମ ଥର ପାଇଁ ଖବର ଦେଇଥିଲେ ଯେ ପାକିସ୍ଥାନର ସେନା ବାହିନୀ ର କିଛି ସୈନ୍ୟ ଭାରତର ସୀମା ଭିତରେ ପ୍ରବେଶ କରିଲେଣି । ଏବଂ ଏହି ଖବର ପାଇବା ପରେ ମେ ପାଞ୍ଚ ତାରିଖରେ ଭାରତର ପାଞ୍ଚ ଜଣିଆ ସେନା ଦଳକୁ ନେଇ ଗଢା ଯାଇଥିବା ପେଟ୍ରୋଲିଂ ଟିମ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଯାଇ ଥିଲେ । ପାକିସ୍ଥାନୀ ସେନା ସେହି ପାଞ୍ଚ ଜଣ ସାମରିକ ବାହିନୀର ସଦସ୍ୟଙ୍କୁ ହତ୍ୟା କରିଥିଲେ, ଏବଂ ବର୍ବରତା ପୂର୍ଣ୍ଣ ଅତ୍ୟାଚାର ମଧ୍ୟ ସେମାନଙ୍କ ସହିତ ହୋଇଥିଲା । ଏହା ପରେ ପାକିସ୍ଥାନ ତରଫରୁ ଶେଲିଂକରାଯାଇ ଭାରତର ଅସ୍ତ୍ରଶସ୍ତ୍ରକୁ ନଷ୍ଟ କରା ଯାଇଥିଲା ।

ପାକିସ୍ଥାନର ସେନା ବାହିନୀ 'ଲାଇନ ଅଫ କଣ୍ଟ୍ରୋଲ' ବା ଏଲଓସିର ଭିନ୍ନ ଭିନ୍ନ ସ୍ଥାନ ଯେପରି ଡ୍ରାସ ସେକ୍ଟର ଓ ମୁସକୋହ ସ୍ଥାନରେ ଭାରତର ସୀମା ଭିତରେ ପ୍ରବେଶ କରିଥିଲେ । ଏହାପରେ ଭାରତର ସୀମା ଭିତରେ ପ୍ରବେଶ କରିଥିବା ପାକିସ୍ଥାନ ସେନାଙ୍କୁ ଭାରତୀୟ ଏୟାର ଫୋର୍ସ ଆକ୍ରମଣ କରିଥିଲା । ମିଗ ୨୭ର ପାଇଲେଟ ନଚିକେତାଙ୍କୁ ପାକିସ୍ଥାନ ସେନା ଧରିନେଇ ଥିଲେ ଏବଂ ନଚିକେତାଙ୍କ ବିମାନ ମିଗ ୨୭କୁ ମିଶାଇଲ ଦ୍ୱାରା ଆକ୍ରମଣ କରି ନଷ୍ଟ କରିଥିଲେ ।

ପାକିସ୍ଥାନ ସେନା ବାହିନୀ କାଶ୍ମୀର ଓ ଲଦାକକୁ ଲାଗିଥିବା ନେସନାଲ ହାଇୱେରେ ମଧ୍ୟ ଗୁଳିବର୍ଷା କରିଥିଲେ । ଭାରତର ଦେଶଭକ୍ତ ସୈନିକମାନେ ପାକିସ୍ଥାନର ଏହି ଷଡଯନ୍ତ୍ରକୁ ନିଜର ଲହୁ ଦେଇ ମାଟିରେ ମିଶାଇ ଦେଇଥିଲେ । ଯେତେବେଳେ ଏହି ଘଟଣା ଘଟୁଥିଲା ସେତେବେଳେ ପାକିସ୍ଥାନ ଏହି ଯୁଦ୍ଧରେ ନିଜର ସେନା ବାହିନୀର କୌଣସି ଭୂମିକା ନାହିଁ ବୋଲି କହୁଥିଲା । ଏହି ଯୁଦ୍ଧରେ ପାକିସ୍ଥାନ ସମ୍ପୃକ୍ତ ନୁହେ ବୋଲି ବିଶ୍ୱ ଦରବାରରେ ପାକିସ୍ଥାନ ସ୍ପଷ୍ଟ କରୁଥିଲା । ପାକିସ୍ଥାନ କହିବା ମୁତାବକ ଭାରତୀୟ ସେନା ସହିତ ଯୁଦ୍ଧ କରୁଥିବା ଗୋଷ୍ଠୀ ହେଉଛନ୍ତି କାଶ୍ମୀରରେ ରହିଥିବା ଏବଂ ଭାରତରୁ କାଶ୍ମୀରକୁ ଅଲଗା କରିବାକୁ ଚାହୁଁଥିବା ଲୋକମାନେ । କିନ୍ତୁ ପରବର୍ତ୍ତି ସମୟରେ ମୃତ ସୈନ୍ୟଙ୍କ ପାଖରୁ ମିଳିଥିବା ଆଇଡି କାର୍ଡ ଓ ପରିଚୟ ପତ୍ରରୁ ଏହା ଜଣା ପଡିଥିଲା ଯେ ଭାରତ ସହିତ ଯୁଦ୍ଧ କରୁଥିବା ସେନା ହେଉଛନ୍ତି ପାକିସ୍ଥାନର ।

ପାକିସ୍ଥାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାବ ସରିଫ ରାଜି ହୋଇଥିଲେ ଯେ କାର୍ଗିଲର ଯୁଦ୍ଧରେ ପାକିସ୍ଥାନର ସେନା ବାହିନୀ ସମ୍ପୃକ୍ତ ଥିଲେ । ଏହା ପରେ ସେହି ସମୟର ସେନା ବାହିନୀର ଜେନେରାଲ ପରବେଜ ମୁସରଫ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଏହି ଯୁଦ୍ଧରେ ପାକିସ୍ଥାନର ହାତ ଥିଲା। ଜେନେରାଲ ମୁସରାଫ ଓ ଆଇଏସଆଇର ଚିଫଙ୍କର ଫୋନ ଦ୍ୱାରା ହୋଇଥିବା ବର୍ତ୍ତାଳାପକୁ ମଧ୍ୟ ଭାରତ ବିଶ୍ୱ ଆଗରେ ଦେଖାଇଥିଲା ।

୩୦୦୦୦ରୁ ଉର୍ଦ୍ଧ୍ୱ ଭାରତୀୟ ସେନା ଏହି ଅପରେସନ ବିଜୟ ରେ ସାମିଲ ହୋଇଥିଲେ । ସମଗ୍ର ଭାରତ ଏକ ସ୍ୱରରେ ଏକ ପ୍ରାଣ ରେ ଭାରତର ବିଜୟ ପାଇଁ ପ୍ରାର୍ଥନା କରିଥିଲା । ଭାରତର ଦେଶ ଭକ୍ତ ୫୨୭ ଜଣ ବୀରଙ୍କୁ ଆମେ ହରାଇ ଥିଲୁ । କାର୍ଗିଲ ଯୁଦ୍ଧରେ ନିଜର ଶ୍ରେଷ୍ଠ ଯୁଦ୍ଧ କୌଶଳକୁ ଦେଖାଇ ଏବଂ ନିଜର ବଳିଦାନ ଦେଇ ଯେଉଁ ମାନେ ଦେଶମାଟିକୁ ଏବଂ ଦେଶର ନାଗରିକଙ୍କୁ ସୁରକ୍ଷା ଦେଇଥିଲେ ସେହିପରି ଚାରି ଜଣଙ୍କୁ ପରମବୀର ଚକ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ଯଥାକ୍ରମେ ଗ୍ରେନାଡିଏର ଯୋଗେନ୍ଦର ସିଂ ଜାଦବ, ଲେଫ୍ଟିନେଣ୍ଟ ମନୋଜ କୁମାର ପାଣ୍ଡେ, କ୍ୟାପଟେନ ବିକ୍ରମ ବାତ୍ରା, ରାଇଫେଲ ମ୍ୟାନ ସଞ୍ଜୟ କୁମାର । ସେହିପରି ଦଶ ଜଣଙ୍କୁ ମହାବୀର ଚକ୍ରରେ ସମ୍ମାନୀତ କରାଯାଇଥିଲା । ସେମାନେ ଯଥାକ୍ରମେ ହେଲେ ଲେଫ୍ଟିନେଣ୍ଟ ବଲୱାନ ସିଂ, ମେଜର ରାଜେସ ସିଂ, ମେଜର ବିବେକ ଗୁପ୍ତା, କ୍ୟାପଟେନ ଏନ କେଙ୍ଗାରୁଜ, ଲେଫ୍ଟିନେଣ୍ଟ କ୍ଲିଫୋର୍ଡ ଜନଗ୍ରମ ଏବଂ ନାଇକ ଜିଗେନ୍ଦ୍ର କୁମାର ।

ଏହି ଯୁଦ୍ଧ ପାଇଁ ପାକିସ୍ଥାନର ପୂର୍ବରୁ ପ୍ରସ୍ତୁତି ରହିଥିଲା । ପାକିସ୍ଥାନର ସେନା ବାହିନୀ ପାହାଡ ଉପରେ ବସି ଗୁଳିବର୍ଷା କରୁଥିବାବେଳେ ଭାରତୀୟ ସେନା ଗୁଳିମାଡରେ କ୍ଷତାକ୍ତ ହୋଇ ଗୋଟିଏ ପରେ ଗୋଟିଏ ଚୋଟି ଶତ୍ରୁମୁକ୍ତ କରି ତିରଙ୍ଗା ଉଡାଇ ଚାଲିଲେ। ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ, ଶାନ୍ତି ସଦଭାବନା ପରି ମାନବୀୟ ଗୁଣର ଆବଶ୍ୟକତା ଆଜିର ଦୁନିଆରେ ରହିଛି ।

ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯

ଦାରିଦ୍ର୍ୟ ହ୍ରାସ

ସୌଭାଗ୍ୟ ରଂଜନ ମହାନ୍ତି

ଦେଶରେ ଗତ ୧୫ବର୍ଷରେ ଅର୍ଥାତ ଗତ ୨୦୦୫-୦୬ ଆର୍ଥୀକ ବର୍ଷରୁ ୨୦୧୯-୨୧ ଆର୍ଥୀକ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଥିବା ନେଇ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଭାରତରେ ୨୦୦୫-୦୬ ଆର୍ଥୀକ ବର୍ଷରେ ଦାରିଦ୍ର୍ୟ ହାର ୫୫.୧ ପ୍ରତିଶତ ଥିଲାବେଳେ ୨୦୧୯-୨୧ ଆର୍ଥୀକ ବର୍ଷରେ ତାହା ୧୬.୪ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ଆହୁରି କୁହାଯାଇଛି ଯେ, ୨୦୦୫-୦୬ରେ ୬୪.୫ କୋଟି ଲୋକ ବିଭିନ୍ନ ପ୍ରକାରର ଦାରିଦ୍ର୍ୟ କବଳରେ ଥିବାବେଳେ ୨୦୧୫-୧୬ ବେଳକୁ ତାହା ୩୭ କୋଟିକୁ ଏବଂ ୨୦୧୯-୨୧ ସୁଦ୍ଧା ସେମାନଙ୍କ ସଂଖ୍ୟା ୨୩ କୋଟିକୁ ହ୍ରାସ ପାଇଛି। କେବଳ ଜାତିସଂଘ ନୁହେଁ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ପ୍ରଗତି ସମୀକ୍ଷା ରିପୋର୍ଟ-୨୦୨୩ରେ ମଧ୍ୟ ଦେଶରେ ଦାରିଦ୍ର୍ୟ ଗତ ୫ବର୍ଷ ମଧ୍ୟରେ ଅର୍ଥାତ ୨୦୧୫-୧୬ଠାରୁ ୨୦୧୯-୨୧ବର୍ଷ ମଧ୍ୟରେ ୨୪.୮୫ ପ୍ରତିଶତ ହ୍ରାସ ପାଇଛି। ଦେଶରେ ଦାରିଦ୍ର୍ୟ ହାର ଏବେ ୧୭.୯୭ ପ୍ରତିଶତ ରହିଛି। ଏହି ଅବଧି ମଧ୍ୟରେ ଗ୍ରାମାଚଂଳରେ ଗରିବଙ୍କ ସଂଖ୍ୟା ୩୨.୫୯ ପ୍ରତିଶତରୁ ୧୯.୨୮ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସହରାଚଂଳରେ ଗରିବଙ୍କ ସଂଖ୍ୟା ୮.୬୫ ପ୍ରତିଶତରୁ ୫.୨୭ ପ୍ରତିଶତକୁ ହ୍ରାସ ପାଇଛି। ଦେଶରେ ଦାରିଦ୍ର୍ୟ ହାର ହ୍ରାସ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ କିନ୍ତୁ ମହାମାରୀ କରୋନା ଯୋଗୁଁ ଦୀର୍ଘକାଳୀନ ତାଲା ବନ୍ଦ ଯୋଗୁଁ ଦେଶରେ ୫.୬ କୋଟି ଲୋକ ଦାରିଦ୍ର୍ୟ ଭିତରେ ପେଷି ଯାଇଥିଲେ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଦାରିଦ୍ର୍ୟ ଓ ସହଭାଗୀ ସମୃଦ୍ଧତା ରିପୋର୍ଟ-୨୦୨୨ରେ କୁହାଯାଇଥିଲା। ଦାରିଦ୍ର୍ୟ ଓ ସହଭାଗୀ ସମୃଦ୍ଧତା ରିପୋର୍ଟ-୨୦୨୨ରେ କୁହାଯାଇଥିଲା। ବିଶ୍ୱରେ ମୋଟ ୭.୧ କୋଟି ଲୋକ ମହାମାରୀ କରୋନା ଯୋଗୁଁ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିବାବେଳେ ସେମାନଙ୍କ ମଧ୍ୟରେ କେବଳ ଭାରତୀୟ ହେଉଛନ୍ତି ୭୯ ପ୍ରତିଶତ। ଏଥିରୁ ମହାମାରୀ ପ୍ରକୋପରେ ତାଲାବନ୍ଦ ଯୋଗୁଁ ଦାରିଦ୍ର୍ୟର ତାଡନା କେତେ ଗମ୍ଭୀର ଥିଲା, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ତେବେ ଏହାକୁ ଜାତିସଂଘ କିମ୍ବା ନୀତି ଆୟୋଗ ବିଚାରକୁ ନେଇ ନଥିବା ମନେହୁଏ। ଅନ୍ୟପକ୍ଷରେ ନୀତି ଆୟୋଗ ରିପୋର୍ଟରେ ଓଡିଶାରେ ସେହି ସମୟ ମଧ୍ୟରେ ୬୨ଲକ୍ଷ ୬୨ ହଜାର ୮୫୨ ଜଣ ଲୋକ ଦାରିଦ୍ର୍ୟ ମୁକ୍ତ ହୋଇଥିବା କୁହାଯାଇଛି। ସେହିପରି ଓଡିଶାରେ ଦାରିଦ୍ର୍ୟ ହାର ୨୯.୩୪ ପ୍ରତିଶତରୁ ୧୫.୮୬ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମାଚଂଳରେ ଦାରିଦ୍ର୍ୟ ହାର ୬୨.୬୪ ପ୍ରତିଶତରୁ ୧୭.୭୨ ପ୍ରତିଶତକୁ ଖସିଥିବାବେଳେ ସହରାଚଂଳରେ ଏହା ୧୨.୩୨

ଜ୍ୟୋତିର୍ବିଜ୍ଞାନୀ ଓ ଗଣିତଜ୍ଞ ଆର୍ଯ୍ୟଭଟ୍ଟ

ଜ୍ଞାନ-ବିଜ୍ଞାନର ମହନୀୟ ଭୂମି ପବିତ୍ର ଭାରତବର୍ଷ । ପ୍ରାଚୀନ ଭାରତର ମୁନୀ, ଋଷି ଏବଂ ବୈଜ୍ଞାନିକମାନେ ସେମାନଙ୍କ ମହାନ ସାଧନା ବଳରେ ଯେଉଁ ଉଦ୍ଭାବନ ଓ ଆବିଷ୍କାର ସବୁ କରିଯାଇଛନ୍ତି, ସେଗୁଡ଼ିକ ଆଜି ବି ଉପାଦେୟ ସାବ୍ୟସ୍ତ ହୋଇପାରିଛି ।



ବିଦ୍ୱାନଙ୍କ ଦେଶ ଭାରତ

ପ୍ରାଚୀନ ଭାରତବର୍ଷର ବିଦ୍ୱାନ ଆର୍ଯ୍ୟଭଟ୍ଟ ଏକାଧାରରେ ଥିଲେ ଜଣେ ମହାନ ବୈଜ୍ଞାନିକ, ବିଚକ୍ଷଣ ଗଣିତଜ୍ଞ ଓ ଜ୍ୟୋର୍ତିବିଜ୍ଞାନୀ । ୪୭୬ ଖ୍ରୀଷ୍ଟବ୍ଦରେ ମଗଧ ଅନ୍ତର୍ଗତ ପାଟଳୀପୁତ୍ରରେ ଆର୍ଯ୍ୟଭଟ୍ଟଙ୍କ ଜନ୍ମ । ଭାରତର ସୁବର୍ଣ୍ଣଯୁଗ ବୋଲାଉଥିବା ଗୁପ୍ତ ଶାସନ ସମୟରେ ହିଁ ସେନିଜର ଗବେଷଣା ଆରମ୍ଭ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବା ଆର୍ଯ୍ୟଭଟ୍ଟ ୪୯୯ ଖ୍ରୀଷ୍ଟାବ୍ଦରେ ରଚନା କରିଥିଲେ ଆର୍ଯ୍ୟଭଟ୍ଟୀୟ ନାମକ ଏକ ଗବେଷଣା ଲବ୍ଧ ଗ୍ରନ୍ଥ । ଜ୍ୟୋର୍ତିର୍ବିଜ୍ଞାନ, ତ୍ରିକୋଣମିତି, ଗଣିତ ବା ଏରିଥମେଟିକ୍, ବୀଜଗଣିତ ବା ଆଲଜେବ୍ରା ଏବଂ ସମତଳ ତ୍ରିକୋଣମିତି ଆଦି ବିଷୟରେ ନାନାଦି ଦୁର୍ଲଭ ସୂତ୍ରାବଳୀ ଉପସ୍ଥାପନ କରାଯାଇଥିଲା ଉକ୍ତ ପୁସ୍ତକରେ । ଗଣିତ ସହିତ ଜ୍ୟୋତିବିଜ୍ଞାନର ସମ୍ପର୍କ ସ୍ଥାପନ କରିବାରେ ସେ ଥିଲେ ବିଶ୍ୱର ପ୍ରଥମ ବିଦ୍ୱାନ ବ୍ୟକ୍ତିତ୍ୱ । ତ୍ରୟୋଦଶ ଶତାବ୍ଦୀରେ ଉକ୍ତ ପୁସ୍ତକଟି 'ଲାଟିନ୍' ଭାଷାରେ ଅନୁଦିତ ହେବା ପରେ ପାଶ୍ଚାତ୍ୟ ଦେଶର ଗଣିତଜ୍ଞମାନେ ଏସବୁ ବିଷୟରେ ଜାଣିବାକୁ ସକ୍ଷମ ହୋଇଥିଲେ । 'ଆର୍ଯ୍ୟଭଟ୍ଟୀୟ' ପୁସ୍ତକର ସୂତ୍ରାବଳୀକୁ ଅନୁକରଣ କରି ପରବର୍ତ୍ତୀ ସମୟରେ ତ୍ରିଭୁଜଙ୍କର କ୍ଷେତ୍ରଫଳ, ଗୋଲକର ଆୟତନ ତଥା ବର୍ଗମୂଳ ଓ ଘନମୂଳ ନିର୍ଣ୍ଣୟ ପଦ୍ଧତିର ସୂତ୍ରପାତ ହୋଇଥିଲା । ସେ ପ୍ରଦାନ କରିଯାଇଥିବା ତ୍ରିଭୁଜ ଏବଂ ବୃତ୍ତ ସ୍ପର୍ଶୀୟ ସୂତ୍ରାବଳୀ, ପାଇର ମୂଲ୍ୟ, ତ୍ରିକୋଣମିତି ସମ୍ବନ୍ଧୀୟ ପ୍ରସଙ୍ଗ ଆଜି ପର୍ଯ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେଉଛି ।

ଜ୍ୟୋତିର୍ବିଜ୍ଞାନ ତଥ୍ୟ

ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଅନେକ ଅନାଲୋଚିତ ଦିଗ ଓ ତଥ୍ୟ ଆବିଷ୍କାର କରିଥିଲେ । ପୃଥିବୀ ଗୋଲାକାର ଏବଂ ଏହା ନିଜ ଅକ୍ଷ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରିବା ସହ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ମଧ୍ୟ ପରିଭ୍ରମଣ କରୁଛି ବୋଲି ଆର୍ଯ୍ୟଭଟ୍ଟ ହିଁ ପ୍ରଥମେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ଏତଦ୍ ବ୍ୟତୀତ ଦିବାରାତ୍ର ହେବାର ତଥ୍ୟ, ଋତୁ ପରିବର୍ତ୍ତନର କାରଣ ସଂପର୍କରେ ମଧ୍ୟ ସେ ସୂଚନା ପ୍ରଦାନ କରିଥିଲେ । ଚନ୍ଦ୍ର ପୃଥିବୀର ଉପଗ୍ରହ ଓ ଏହା ପୃଥିବୀ ଚାରି ପଟେ ପରିଭ୍ରମଣ କରୁଥିବା ତଥା ନିଜସ୍ୱ ଆଲୋକ ନ ଥାଇ ଏହା ସୂର୍ଯ୍ୟାଲୋକ ଦ୍ୱାରା ଆଲୋକିତ ହେଉଥିବା କଥା ସେ ହିଁ ପ୍ରଥମେ ସମଗ୍ର ପୃଥିବୀବାସୀଙ୍କୁ ଜଣାଇଥିଲେ । ଏତଦ୍‌ବ୍ୟତୀତ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ, ପୃଥିବୀର ପରିସୀମା, ବର୍ଷ ଗଣନା, ମାଧ୍ୟାକର୍ଷଣ ଶକ୍ତି ଇତ୍ୟାଦିର ସଠିକ୍ ତଥ୍ୟ ମଧ୍ୟ ଆର୍ଯ୍ୟଭଟ୍ଟଙ୍କ ଗବେଷଣାର ଅଂଶବିଶେଷ ଥିଲା । ତାଙ୍କ ଦ୍ୱାରା ଲିଖିତ 'ଆର୍ଯ୍ୟସିଦ୍ଧାନ୍ତ' ଗ୍ରନ୍ଥ ବହୁ ଜ୍ୟୋତିବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ସହ ହିନ୍ଦୁ କ୍ୟାଲେଣ୍ଡର ପ୍ରସ୍ତୁତିରେ ସହାୟକ ହେଉଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ବିଶ୍ୱ ଯେଉଁ ବୈଜ୍ଞାନିକମାନଙ୍କୁ ଉପରୋକ୍ତ ଆବିଷ୍କାର ପାଇଁ ଶ୍ରେୟ ପ୍ରଦାନ କରୁଛି, ସେମାନଙ୍କ ଠାରୁ ହଜାରେ ବର୍ଷ ପୂର୍ବରୁ ଭାରତୀୟ ବୈଜ୍ଞାନିକ ଆର୍ଯ୍ୟଭଟ୍ଟ ଏସବୁର ନିର୍ଭୁଲ ତଥ୍ୟ ପ୍ରଦାନ କରିଯାଇଥିଲେ ।





କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ ପୃଥିବୀର ଇତିହାସ ଲେଖିଥିବା ଐତିହାସିକଗଣ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନର ପ୍ରକୃତ ମହତ୍ତ୍ୱ ଆଜି ପ୍ରତିପାଦିତ ହୋଇପାରୁନାହିଁ । ପ୍ରାଚୀନ ଭାରତୀୟ ବିଜ୍ଞାନ ଓ ବୈଜ୍ଞାନିକଙ୍କ ମହତ୍ତ୍ୱର ସମୟୋଚିତ ପ୍ରଚାର ଓ ପ୍ରସାର କରାଗଲେ ଏହା ବିଶ୍ୱ ଦରବାରରେ ଉପସ୍ଥାପିତ ଓ ପ୍ରମାଣିତ ହୋଇପାରିବ ।

ସ୍ମରଣଶକ୍ତି ହ୍ରାସ କରାଏ ଆଲୁମିନିୟମ ବାସନ

ଆମେ ଖାଇଲା ବେଳେ ଖାଦ୍ୟ ଉପରେ ଯେତିକି ନଜର ଦେଇଥାଉ କେଉଁ ବାସନରେ ଖାଉଛୁ ତାହା ଉପରେ ସେତିକି ନଜର ଦେଇ ନଥାଉ । ମାତ୍ର ଖାଇବା ବାସନ ବେଳେବେଳେ ଆମ ପାଇଁ କ୍ଷତିକାରକ ହୋଇପାରେ ଏହା ଅନେକ ଜାଣିନଥାନ୍ତି । ଆଲୁମିନିୟମ ବାସନରେ ଖାଇବା ବା ଖାଦ୍ୟ ପ୍ରସ୍ତୁତ କରିବା କ୍ଷତିକାରକ ହୋଇଥାଏ । ଏହାଦ୍ୱାରା ସ୍ମରଣଶକ୍ତି କମିଯିବାର ଆଶଙ୍କା ବଢ଼ିଥାଏ । ଆଲୁମିନିୟମର ପ୍ରଭାବ ଶରୀର ଉପରେ ଧୀରେ ଧୀରେ ପଡୁଥିଲେ

ଏହି ବାସନରେ ଖାଦ୍ୟ ପ୍ରସ୍ତୁତ କରିବା, ଖାଇବା ବା ରଖିବା ଚାଲୁ ରହିଲେ ସ୍ମରଣ ଶକ୍ତି ହ୍ରାସ ହେବାର ଆଶଙ୍କା ବଢ଼ି ଯାଇଥାଏ ।

ପ୍ରତ୍ୟହ ଏହି ବାସନରେ ଭୋଜନ କରିବା ଦ୍ୱାରା ବର୍ଷକୁ ୮ ମିଲିଗ୍ରାମ ଆଲୁମିନିୟମ ଆମ ମସ୍ତିଷ୍କକୁ ଚାଲି ଯାଇଥାଏ ଓ ସ୍ମରଣଶକ୍ତି କମାଇଥାଏ । ଏହା ହାଡ଼କୁ ମଧ୍ୟ କମଜୋର କରାଇଥାଏ । ଏହା ହାଡ଼କୁ ଛିଦ୍ରଯୁକ୍ତ କରାଇଥାଏ । ଏ ସମ୍ପର୍କରେ ବିହାରର ପୂର୍ଣ୍ଣିମା କଲେଜରେ ଚାଲିଥିବା ଆଲୁମିନିୟମ ଟକ୍ସିକଲେଜି ଉପରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି । ଡାକ୍ତର ଟିବିଆରକେ ରାଓଙ୍କ ନେତୃତ୍ୱରେ ଏହି ଗବେଷଣା ଚାଲିଛି । ଡାକ୍ତର ରାଓଙ୍କ ମତରେ ଯଦି ୧୦୦ ଗ୍ରାମ ଡାଲିରୁ ଆଲୁମିନିୟମ ପାତ୍ରରେ ରନ୍ଧାଯାଏ ତାହେଲେ ସେହି ଡାଲି ୩୨ ମିଲିଗ୍ରାମ ଆଲୁମିନିୟମ ଅବଶୋଷିତ କରିନିଏ ।

ଆଜମା ରୋଗୀଙ୍କୁ ମାଛ ମହୌଷଧି

ଆଜମା ଏଭଳି ଏକ ରୋଗ ଯାହା ଶ୍ୱାସନଳୀ ଉପରେ କୁପ୍ରଭାବ ପକାଇଥାଏ । ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭୂତ ହେବା ସହ ଅନେକ ସମୟରେ ଜୀବନ ବି ଚାଲିଯାଏ । କିନ୍ତୁ ଏହି ରୋଗରେ ପୀଡ଼ିତଙ୍କ ପାଇଁ ମାଛ ହେଉଛି ମହୌଷଧି ସଦୃଶ...।

ଆଜମା ଏଭଳି ଏକ ରୋଗ, ଯାହାର ସିଧା ପ୍ରଭାବ ଫୁସଫୁସ ଉପରେ ପଡ଼ିଥାଏ । ଶ୍ୱାସକ୍ରିୟା ପ୍ରଭାବିତ ହୋଇଥାଏ । ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭୂତ ହୁଏ । ଶୀତଦିନରେ ଏହି ରୋଗ ଅତ୍ୟନ୍ତ କଷ୍ଟଦାୟକ । ବିଶ୍ୱରେ ପ୍ରାୟ ୩୦ କୋଟି ଲୋକ ଆଜମାରେ ପୀଡ଼ିତ । କିନ୍ତୁ ଚାହିଁଲେ ଖୁବ ସହଜରେ ବିନା ଔଷଧରେ ଏହି ରୋଗାକୁ ସମୂଳେ ନାଶ କରିପାରିବେ । ଏପରିକି ଶୀତରେ ବି ଶ୍ୱାସନଳୀକୁ ସୁସ୍ଥ ରଖିପାରିବେ ।

ଏଥିପାଇଁ କେବଳ ସପ୍ତାହକୁ ଦୁଇଥର ମାଛ ସେବନ କରିବାକୁ ପଡ଼ିବ । ମାଛରେ ଏଭଳି କିଛି ତତ୍ତ୍ୱ ମହଜୁଦ ରହିଛି, ଯାହା ଅନେକ ରୋଗରୁ ଆରୋଗ୍ୟ ପ୍ରଦାନ କରିଥାଏ । ତେବେ ଆଜମା ପାଇଁ ଏହା ମହୌଷଧି ସଦୃଶ । ନିୟମିତ ଭାବେ ହେଉ ଅବା ସପ୍ତାହକୁ ଦୁଇଥର ମାଛ ଖାଇବା ଦ୍ୱାରା ଆଜମା ପୀଡ଼ିତଙ୍କ ଶ୍ୱାସନଳୀ ସଂକ୍ରମଣ ମୁକ୍ତ ହୋଇ ନିଃଶ୍ୱାସ ପ୍ରଶ୍ୱାସ ସହଜ ହୋଇଥାଏ । ଏହି ଚିକିତ୍ସାରେ ୯୦ ପ୍ରତିଶତ ସମସ୍ୟା ଦୂର ହୋଇଥାଏ ।

ଜୀବନନାଶକ ହୋଇପାରେ ନକଲି ଗହଣା

ସୁନା ଓ ରୂପାର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁଁ ଆଜି ଅନେକଙ୍କର ପସନ୍ଦ ହେଉଛି ଭିନ୍ନ ଭିନ୍ନ ଧାତୁରେ ତିଆରି ଗହଣା । ଧାତୁ ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀରୋ ନିର୍ମିତ ଗହଣାକୁ ମଧ୍ୟ ମହିଳାମାନେ ଆପଣାଇ ନେଲେଣି । ଗହଣା ସୌନ୍ଦର୍ଯ୍ୟ ବୃଦ୍ଧିର କାରକ ହୋଇଥିବାରୁ ଯେ କୌଣସି ଧାତୁରେ ତିଆରି ଗହଣାକୁ ପିନ୍ଧିବାକୁ ମହିଳାମାନେ ପଛଘୁଞ୍ଚା ଦେଉନାହାନ୍ତି । ତେବେ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଏହି ନକଲି ଗହଣା ଯେ ଆପଣଙ୍କର କ୍ଷତି ପହଞ୍ଚାଉଛି ଏହା ଆପଣ ଜାଣନ୍ତିନାହିଁ । ନକଲି ଗହଣା ଜଣଙ୍କର ଆୟୁ ହ୍ରାସ କରିବାରେ ଅନେକ ସାହାଯ୍ୟ କରିଥାଏ । ଧିରେ ଧିରେ ଏହା ଜରକୁ ମୃତ୍ୟୁର କୋଳକୁ ମଧ୍ୟ ଟାଣି ଡ଼େଇଥାଏ । ଏକ ବେସରକାରୀ ଅନୁଷ୍ଠାନ ଅନୁଧ୍ୟାନ କରି ଜାଣିପାରିଛି ଯେ, ଦେଶର ବଡ଼ ବଡ଼ ସହରମାନଙ୍କରେ ବିକ୍ରିଯୋଗ ୬୪.୮ ପ୍ରତିଶତ ଜୁଏଲାରୀରେ ୯୦ପ୍ରତିଶତ ପିପିଏମ୍ ରେ ଅଧିକ ଭାଗ ହେଉଛି ସୀମା । ଏହି ସୀମା ଗର୍ଭବତୀମହିଳାଙ୍କ ପାଇଁ କ୍ଷତିକାରକ ।

। ସୀମା ସହିତ ରକ୍ତର ସମ୍ପର୍କ ଥିବାରୁ ପିଲା ଓ ଯୁବକଯୁବତୀଙ୍କ ସ୍ମରଣ ଶକ୍ତିକୁ ଏହା ପ୍ରଭାବିତ କରିପାରେ । ଏଥିରେ ସେମାନେ ୧୦ ପ୍ରତିଶତ ସ୍ମରଣ ଶକ୍ତି ହରାଇପାରନ୍ତି । ଏଥିପାଇଁ ୫୪ଟି ସାମ୍ପଲର ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୩୫ଟିରେ ସୀମା ଅଧିକ ଥିବା ଜଣାପଡ଼ିଥିଲା । ଏହି ଗହଣା ସବୁକୁ ଆକର୍ଷଣୀୟ କରାଇବା ପାଇଁ ସୀମାର ପ୍ରୟୋଗ ହୋଇଥାଏ । ବିଭିନ୍ନ ଗହଣା ମଧ୍ୟରେ ସୀମାର ପ୍ରୟୋଗ ଦେଖିବାକୁ ମିଳିଥିବା ବେଳେ ମୁଦିରେ ଏହା ସବୁଠାରୁ ଅଧିକ ଥିବାବେଳ କ୍ରେଲେସ୍‌ରେ ସବୁଠାରୁ କମ୍ ଦେଖିବାକୁ ମିଳିଥିଲା । ରଂଗ ମଧ୍ୟରେ ଗୋଲାପି ରଂଗର ଜୁଏଲାରୀରେ ଏହା ଅଧିକ ପ୍ରୟୋଗ ହୋଇଥିବା ଦେଖିବାକୁ ମିଳିଥିଲା ।

ବରଫ ଯୋଗୁଁ ରୋଗ

ଏବେ ଦେଶର ଅଧିକାଂଶ ସହରର ତାପମାତ୍ରା ପ୍ରତିଦିନ ବଢ଼ିବାରେ ଲାଗିଛି । ଫଳରେ ଏଥିରୁ ସାମାନ୍ୟ ଆରାମ ପାଇବା ପାଇଁ ରାସ୍ତାକଡ଼ରେ ବିକ୍ରି ହେଉଥିବା ଥଣ୍ଡା ପାନୀୟ (ସରବତ, ଜୁସ୍) ସହ ଆଇସକ୍ରିମ, ବରଫଗୋଲା ଆଦି ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଲାଣି । ଯଦି ଆପଣ ମଧ୍ୟ ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ବରଫ ମିଶ୍ରିତ ଏଭଳି ପାନୀୟକୁ ପିଇବାକୁ ମନ କରୁଛନ୍ତି, ତେବେ ସତର୍କ ହୋଇଯାନ୍ତୁ । କାରଣ ନିକଟରେ ବମ୍ବେ ମହାନଗର ନିଗମ (ବିଏମସି) ଏଭଳି ଦୋକାନମାନଙ୍କରେ ବ୍ୟବହାର କରାଯାଉଥିବା ବରଫର କେତେକ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଥିଲେ । ଏଗୁଡ଼ିକ ଖାଇବା ଉପଯୋଗୀ କି ନାହିଁ ତାହା ପରୀକ୍ଷା କରାଯିବାରୁ ଅଣାଯାଇଥିବା ବରଫ ନମୁନାରୁ ପାଖାପାଖି ୯୫ ପ୍ରତିଶତ ଫେଲ ହୋଇଥିଲା । ଅନ୍ୟପଟେ ୭୪ ପ୍ରତିଶତ ବରଫ ନମୁନାରେ ପେଟ ରୋଗ ସୃଷ୍ଟି କରୁଥିବା ଇ-କୋଲି ବ୍ୟାକ୍ଟେରିଆ ମିଳିଥିଲା । ସୂଚନା ଅନୁସାରେ, ବିଏମସି ବିଭିନ୍ନ ଥଣ୍ଡାପାନୀୟ ଦୋକାନରୁ ୩୬୩ଟି ବରଫ ନମୁନା ସଂଗ୍ରହ କରିଥିଲା । ଯାଂଚ ପରେ ଏଥିମଧ୍ୟରୁ ୩୪୬ ନମୂନା ଖାଇବା ଉପଯୋଗି ନଥିବା ଜଣାପଡ଼ିଥିଲା । ଯାହା ମଧ୍ୟରୁ ୨୭୦ଟି ନମୂନାରେ ଇ-କୋଲି ବ୍ୟାକ୍ଟେରିଆ ରହିଥିଲା । ଏ ସମ୍ପର୍କରେ କେଇଏମ ଡାକ୍ତରଖାନର ଡାକ୍ତର ଅବିନାଶ ସୁପେ କହନ୍ତି, ଏହି ବ୍ୟାକ୍ଟେରିଆ କାରଣରୁ ମଣିଷ ଛାତି ଓ ପେଟରେ ସଂକ୍ରମଣ, ବାନ୍ତି, ଜ୍ୱର ଆଦି ଭଳି ସମସ୍ୟା ହୋଇଥାଏ । ତେଣୁ ଏସବୁ ଜିନିଷ ଠାରୁ ଯଥା ସମ୍ଭବ ଦୂରେଇ ରହିବା ସ୍ୱାସ୍ଥ୍ୟ ପକ୍ଷେ ହିତକାରକ ବୋଲି ସେ ପରାମର୍ଶ ଦେଇଛନ୍ତି ।

ଗୁରୁ ଗୁଡ଼ିଆ ଗୁଡ଼ିଆ ଗୁରୁ

ବିଲେଇ ଏବଂ କୁକୁର ମଣିଷଙ୍କର ଅତି ପ୍ରିୟ ପଶୁ ହୋଇଥିବାରୁ ଆମେ ଦୁଇଟା ବା ଅତି ବେଶୀରେ ଦଶଟି ଗୃହପାଳିତ ପଶୁଙ୍କ ସହ ରହିବାକୁ ଭଲ ପାଇଥାଉ । ମାତ୍ର ମୁମ୍ବାଇର ଜୁହୁଠାରେ ୩୭ବର୍ଷୀୟ ସିନା ଶିନ୍ଦସନୀ ଦୁଇଟି ବା ଦଶଟି ନୁହେଁ, ୭୦ଟି ବିଲେଇ ଓ ୩ଟି କୁକୁର ସହ ୧୦ବର୍ଷରୁ ଅଧିକ ସମୟ ହେଲା ରହି ଆସୁଛନ୍ତି । ସେ ପୁଣି ଗୋଟିଏ କୋଠରି ମଧ୍ୟରେ । ସେ ରହୁଥିବା କୋଠରି ହେଉଛି ୨୦୦ ସ୍କୋୟାର ଫୁଟର । ଗୃହପାଳିତ ପଶୁଙ୍କ ସହ ସିନା ତାଙ୍କ ମା'ଙ୍କୁ ନେଇ ମଧ୍ୟ ରହିଥାନ୍ତି । ରାସ୍ତା ଦୁର୍ଘଟଣାରେ ଶିକାର ହୋଇଥିବା ବିଲେଇଙ୍କୁ ସାଧାରଣତଃ ସେ ପାଳିଥାନ୍ତି । ସିନା ବିଲେଇଙ୍କ ସହ ଏକାଠି ରହି ଖାଦ୍ୟ ଖାଇଥାନ୍ତି ଏବଂ ଶୋଇଥାନ୍ତି । ଏହା ପୂର୍ବରୁ ସିନା ମୁମ୍ବାଇର ମାଧ, ତାଲୋଜା, ଓସିଓ୍ୱାରା ଏବଂ ଖାରଘାରଠାରେ ରହିଥିଲେ । ମାତ୍ର ସେହି ସ୍ଥାନ ସେ ଛାଡ଼ିବାକୁ ବାଧ୍ୟ ହୋଇଥିଲେ ।

। କାରଣ, ତାଙ୍କ ରହୁଥିବା ସ୍ଥାନର ପଡ଼ୋଶୀ ଏତେ ସଂଖ୍ୟକ ଗୃହପାଳିତ ପଶୁଙ୍କ ସହ ରହଣିର ଅଭିଯୋଗ ପାଖ ପୁଲିସ ଷ୍ଟେସନରେ କରିଥିଲେ ।

ସିନା ପ୍ରତ୍ୟେକ ଦିନ ସକାଳ ୭ଟାରେ ଉଠି ପ୍ରଥମେ ତାଙ୍କ ପାଳିତ ପଶୁଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ଏଥିପାଇଁ ସିନାଙ୍କର ଦିନକୁ ୪୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

ଲଘୁବନଜାତ ଦ୍ରବ୍ୟ ଓଡ଼ିଶା ଫଳାଉଛି: ଲାଭ ପାଉଛି ଆନ୍ଧ୍ର

ପଟାଙ୍ଗି , ୨୫/୦୭ (ନି.ପ୍ର): କୋରାପୁଟ ଜିଲ୍ଲାର ଆଦିବାସୀ ଲଘୁବନଜାତ ଦ୍ରବ୍ୟର ଫାଇଦା ପାଉନାହାନ୍ତି । ଏଥିରୁ ଲାଭ ଉଠାଉଛନ୍ତି ଆନ୍ଧ୍ର ବ୍ୟବସାୟୀ । ଏମାନେ ଏହି ସବୁ ସାମଗ୍ରୀକୁ ଅତି ଶସ୍ତାରେ କିଣି ଲକ୍ଷଲକ୍ଷ ଟଙ୍କାର ମୁନାଫା ପାଉଛନ୍ତି । ଆନ୍ଧ୍ର ବ୍ୟବସାୟୀ ବେଧଡ଼କ ଓଡ଼ିଶାରେ ପଶି ଓଡ଼ିଶାର ଲଘୁ ବନଜାତ ସାମଗ୍ରୀକୁ ନିଜ ରାଜ୍ୟକୁ ନେଇ ଚାଲିଛନ୍ତି । କୋଟିଆରୁ ବିପୁଳ ପରିମାଣର ଝାଡୁ, ତେନ୍ତୁଳି ଓ ନିଦା ବାଉଁଶ ଏମାନେ ସଂଗ୍ରହ କରୁଛନ୍ତି । ଓଡ଼ିଶା ସରକାର କିଛି ମାସ ତଳେ କୋଟିଆରେ ତିନିଟି ଝାଡୁ କେନ୍ଦ୍ର ଖୋଲିଛନ୍ତି । ଏହି କେନ୍ଦ୍ରରେ ଝାଡୁ ଦେଲେ ପ୍ରକୃତ ମୂଲ୍ୟ ଆଦିବାସୀ ପାଉଛନ୍ତି । ତେବେ ଆନ୍ଧ୍ର ବ୍ୟବସାୟୀ କେନ୍ଦ୍ରରେ ଝାଡୁ ପହଞ୍ଚିବା ପୂର୍ବରୁ ଆଦିବାସୀଙ୍କୁ ଯୋଗାଯୋଗ କରି ଅଗ୍ରୀମ ଟଙ୍କାର ପ୍ରଲୋଭନ ଦେଖାଉଛନ୍ତି । ଟଙ୍କା ଆବଶ୍ୟକତା କାରଣରୁ ଉତ୍ପାଦନ ପରେ ଆନ୍ଧ୍ର ବ୍ୟବସାୟୀଙ୍କୁ ଦେବା ପାଇଁ ବାଧ୍ୟ ହେଉଛନ୍ତି ଆଦିବାସୀ । ଗୋଟିଏ ଝାଡୁ ପିଛା ୩୦ରୁ ୪୦ଟଙ୍କା ଆନ୍ଧ୍ର ବ୍ୟବସାୟୀ ଦେଉଛନ୍ତି । ନିଜ ରାଜ୍ୟକୁ ଚାଲାଣ କରି ଝାଡୁ ପିଛା ଶହେରୁ ଦେଢ଼ଶହ ଟଙ୍କାରେ ବିକ୍ରି କରୁଛନ୍ତି । ପ୍ରକ୍ରିୟାକରଣ ସୁବିଧା ନଥିବାରୁ ଆଦିବାସୀ ଆନ୍ଧ୍ର ବ୍ୟବସାୟୀଙ୍କ ହାତକୁ ଶହ ଶହ କ୍ୱିଣ୍ଟାଲ ତେନ୍ତୁଳି ପ୍ରତିବର୍ଷ ଟେକି ଦେଉଛନ୍ତି । ଆନ୍ଧ୍ର ବ୍ୟବସାୟୀ ନିୟମିତ ଟ୍ରକ୍ ଟ୍ରକ୍ କାଠ ଏବଂ ବାଉଁଶ ଏଠାରୁ ସଂଗ୍ରହ କରି ନେଇଯାଉଛନ୍ତି । ଏହା ସହ କୋଟିଆର ମାଣ୍ଡିଆ ଉପରେ ଆନ୍ଧ୍ର ବ୍ୟବସାୟୀଙ୍କ ନିୟନ୍ତ୍ରଣ ରହିଛି । ଆଦିବାସୀଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ଦର ନିର୍ଦ୍ଧାରିତ କରିବା ସହ ବଜାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

ଥଇଥାନ ନକରି ଦୋକାନ ଉଚ୍ଛେଦରୁ ଅସନ୍ତୋଷ

ସାଲେପୁର, ୨୫/୦୭ (ନି.ପ୍ର): କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ସହରର କୁଆଁପାଳ ଛକରୁ ସାଲେପୁର ଛତିଆ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି । ସାଲେପୁର ତହସିଲ ଅଧିନ ଲୁଣାହାର, ବେଙ୍ଗସାହୁ କଲୋନୀ, ବୋଦାମୁଣ୍ଡାଇ, ମନୋହରପୁର, ଚାରିମାଣିଆ, କୁସମ୍ଭୀ, ରାଇସୁଙ୍ଗୁଡା, ଗଙ୍ଗେଶ୍ୱର ଧର୍ମଗଡପୁର ବଜାରର ଶହ ଶହ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଦୀର୍ଘ ବର୍ଷ ଧରି ରାସ୍ତା ପାର୍ଶ୍ୱରେ ଦୋକାନକରି ନିଜର ପରିବାର ପ୍ରତିପୋଷଣ କରୁଥିଲେ । ଏବେ ରାସ୍ତା ସଂପ୍ରସାରଣ ପାଇଁ ସେମାନଙ୍କୁ ଉଚ୍ଛେଦ କରାଯାଇଛି । ରାସ୍ତା ସଂପ୍ରସାରଣକୁ କେହି ବିରୋଧ କରୁନାହାଁନ୍ତି । ମାତ୍ର ୫୦/୬୦ ବର୍ଷ ଧରି ବ୍ୟବସାୟ କରି ଆସୁଥିବା ବ୍ୟବସାୟୀମାନଙ୍କୁ ପ୍ରଥମେ ଥଇଥାନର ବ୍ୟବସ୍ଥା ନକରି ଉଚ୍ଛେଦ କରାଯାଉଛି । ବେପାର କରି ଜୀବନ ଜୀବିକା ବଞ୍ଚାଉଥିବା ବ୍ୟବସାୟୀମାନେ କିପରି ପରିବାର ଚଳାଇବେ ତାହା ଏକ ମୁଖ୍ୟ ସମସ୍ୟା ହୋଇଛି । ଏହି ସଂପ୍ରସାରଣରେ ସାଲେପୁର, ମାହାଙ୍ଗା ତହସିଲ ଅଂଚଳର ସ୍ଥାୟୀ ଅସ୍ଥାୟୀ ଶହ ଶହ ବ୍ୟବସାୟୀ ରାସ୍ତା ସଂପ୍ରସାରଣ ଯୋଗୁ ବେସାହାର ହୋଇପଡିଛନ୍ତି । ଆଗାମୀ ଦିନରେ ଦୋକାନ ଉଚ୍ଛେଦ ଯୋଗୁ ସାଂଘାତିକ ଭାବେ ବେକାରୀ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି । ପ୍ରଶାସନ ଥଇଥାନକୁ ଗୁରୁତ୍ୱ ନଦେଇ ଉଚ୍ଛେଦକୁ ଗୁରୁତ୍ୱ ଦେଇଥିବା ଦୋକାନ ହରାଇଥିବା ବ୍ୟବସାୟୀଙ୍କ ଠାରୁ ପ୍ରକାଶ । ବିଶେଷ ଭାବେ ସାଲେପୁର ତହସିଲ ଅନ୍ତର୍ଗତ ମନୋହରପୁର ଓ ରାଇସୁଙ୍ଗୁଡା ବଜାରର ବ୍ୟବସାୟୀମାନେ ବିଶେଷ କ୍ଷତିଗ୍ରସ୍ତ ହେବେ । ଏଠାରେ ଜଣେ ଜଣେ ଦୋକାନୀ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ବେପାର କରିଆସୁଛନ୍ତି । ଦୋକାନୀକୁ ଥଇଥାନ କରିବା ପାଇଁ ସରକାରଙ୍କ ଅଧୀନରେ ଅନେକ ସ୍ଥାନ ରହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ସେଥିପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ରାସ୍ତା ସଂପ୍ରସାରଣ ହେଉ ମାତ୍ର ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେବାକୁ ବ୍ୟବସାୟୀଙ୍କ ପକ୍ଷରୁ ଦାବି ହୋଇଛି ।

ଫୁଲବାଣୀ ହାଟପଦାଠାରେ ଭାରତୀୟ ମଜଦୁର ସଂଘର ୬୯ତମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ, ୨୫/୦୭ (ନି.ପ୍ର): ଭାରତୀୟ ମଜଦୁର ସଂଘ (ବିଏମଏସ)ର ୬୯ତମ ପ୍ରତିଷ୍ଠା ଦିବସ ଫୁଲବାଣୀ ହାଟପଦା ସ୍ଥିତ ମା''ନାରାୟଣୀ ଯାତ୍ରା କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଛି । ୧୯୫୫ ମସିହା ଜୁଲାଇ ୨୩ ତାରିଖରେ ଦନ୍ତପନ୍ତ ଠେଙ୍ଗଡେଙ୍କ ପୌରୋହିତ୍ୟରେ ଭୋପାଳ ଠାରେ ବିଏମଏସ ଲୋକମାନ୍ୟ ବାଲଗଙ୍ଗାଧର ତିଳକଙ୍କ ଜନ୍ମ ତିଥିରେ ପ୍ରତିଷ୍ଠା କରାଯାଇଥିଲା । ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜନୈତିକ ଦଳରୁ ଉର୍ଦ୍ଧ୍ୱରେ ରହି ଏହି ସଂଗଠନ ସମଭାବାପନ୍ନ ବ୍ୟକ୍ତିଙ୍କୁ ନେଇ ଗଠନ କରାଯାଇଛି । ଶ୍ରମିକ ମାନଙ୍କୁ ସର୍ବନିମ୍ନ ମଜୁରୀ ନୁହେଁ ଅନ୍ୟମାନଙ୍କ ଭଳି ସୁଖ ସ୍ୱାଚ୍ଛନ୍ଦ୍ୟରେ ବଂଚିବା ଭଳି ମଜୁରୀ ଦେବାକୁ ବିଏମଏସ ଦାବୀ କରିବା ସହ ଆଉଟସୋର୍ସିଂ ଓ ଠିକାଦାର ପ୍ରଥା ଉଚ୍ଛେଦ ପାଇଁ ଲଢ଼େଇ କରିଆସୁଛି । ୬୯ତମ ପ୍ରତିଷ୍ଠା ଦିବସରେ ବିଏମଏସର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପାତ୍ର ବକ୍ତାଭାବେ ଯୋଗଦେଇ ବିଏମଏସ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କନ୍ଧମାଳ ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମନୀତି ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ ଚାଳକ ରମେଶ ସାହୁ, କନ୍ଧମାଳ ମିଡିଆ ଫୋରମର ସଭାପତି ସନ୍ତୋଷ କୁମାର ଦିଗାଲ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶ୍ରମିକ ମାନଙ୍କ ସମସ୍ୟା ସହିତ ଗଣମାଧ୍ୟମ ସବୁବେଳେ ରହିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାରେ ଆଉଟ ସୋର୍ସିଂ କମ୍ପାନୀ ମାନେ ଶ୍ରମିକ ମାନଙ୍କୁ ଶୋଷଣ କରି ଶ୍ରମିକ ମାରଣା ନୀତି ଆପଣାଉଥିବାରୁ ଆନ୍ଦୋଳନ ପାଇଁ ଜିଲା ସଭାପତି ଆହ୍ୱାନ ଦେଇଥିଲେ । ସାଧାରଣ ଠିକା ଶ୍ରମିକ ନିଯୁକ୍ତି ପାଇଁ ଆଉଟସୋର୍ସିଂ ସଂସ୍ଥା ବ୍ୟାପକ ଅର୍ଥ କାରବାର କରୁଥିବା ଓ ବିନା କାରଣରେ ଛଟେଇ କରୁଥିବାରୁ ଏହା ବିରୁଦ୍ଧରେ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଥିଲା । ସରକାର ଶ୍ରମିକ ଶୋଷଣକୁ ପ୍ରୋତ୍ସାହିତ କରୁଥିବାରୁ ଠିକାଶ୍ରମିକ ଓ ଆଉଟସୋର୍ସିଂ ବ୍ୟବସ୍ଥା ଲୋପ ପାଇଁ ଲଢ଼େଇ କରିବାକୁ ନିଷ୍ପତି ବୈଠକରେ ନିଆଯାଇଥିଲା ।

ଏହି ଅବସରରେ ଶ୍ରମିକ ନେତା ବିନୋଦ ନାୟକ, ରବୀନ୍ଦ୍ର ବେହେରା ଓ ବ୍ରହ୍ମାନନ୍ଦ ବେହେରା ପ୍ରମୁଖଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ନାଗରିକ, ସାମ୍ବାଦିକ, ଶ୍ରମିକ ଓ ସଫେଇ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଅଙ୍ଗନବାଡି, ଆଶା ପାଚିକା ମାନଙ୍କୁ ସରକାର ପ୍ରୋଜେକ୍ଟ ନାମରେ ଆଳ ଦେଖାଇ ଚାକିରୀ ନିୟମିତ ନକରି ଶୋଷଣ କରୁଥିବା ଆଲୋଚନା ହୋଇଥିଲା । ଶେଷରେ କାର୍ଯ୍ୟକାରୀ ସଭାପତି ଗୋପାଳ ବେହେରା ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ନୂଆ ରୂପ ପାଇବ ରାମେଶ୍ୱର ମନ୍ଦିର

ପୁରୁଣା ଭୁବନେଶ୍ୱର, ୨୫/୦୭ (ନି.ପ୍ର): ନୂଆ ରୂପ ପାଇବ ରାମେଶ୍ୱର ମନ୍ଦିର । ଏବେ ମନ୍ଦିର ଚତୁର୍ପାର୍ଶ୍ୱର ସୌନ୍ଦର୍ଯ୍ୟୀକରଣ ଚାଲିଛି । ଭାଙ୍ଗିପଡ଼ିଥିବା ଦଧିନଉତି ନୂଆ ତିଆରି ହେବ । ତେବେ ଦଧିନଉତିକୁ ରାଜସ୍ଥାନରୁ ଆସିବାକୁ ଥିବା ଖଣ୍ଡୋଲାଇଟ୍ ପଥରରେ ନିର୍ମାଣ କରାଯିବ । ଏଥର ଦଧିନଉତିର ଆକାର ବଡ଼ ହେବ ବୋଲି ସୂଚନା ମିଳିଛି । ତେବେ ନୂଆ ଦଧିନଉତି ନିର୍ମାଣ ହେବା ପର୍ଯ୍ୟନ୍ତ ବାଲିବସ୍ତାରେ ପତାକା ରହିବ ବୋଲି କୁହାଯାଇଛି । ଏହି ମନ୍ଦିର ଦାୟିତ୍ୱରେ ଥିବା ଏଏସ୍‌ଆଇର ଜଣେ ଅଧିକାରୀଙ୍କ କହିବା କଥା ବହୁ ପୂର୍ବରୁ ଏଠାରେ ବଡ଼ ଦଧିନଉତି ଥିଲା । ପରେ ଭାଙ୍ଗିପଡ଼ିବାରୁ ଛୋଟ ଆକାରର ନୂଆ ଦଧିନଉତି ନିର୍ମାଣ କରାଯାଇଥିଲା । କିନ୍ତୁ ଏବେ ତାହା ପୁଣି ଭାଙ୍ଗି ପଡ଼ିଛି । ସମ୍ପ୍ରତି ମନ୍ଦିରର ସୌନ୍ଦର୍ଯ୍ୟୀକରଣ କାମ ଚାଲିଥିବାରୁ ଦଧିନଉତିକୁ ମନ୍ଦିରର ମୂଳ ଆକାର ଦିଆଯିବ । ପ୍ରଥମରୁ ରାମେଶ୍ୱର ମନ୍ଦିର ଚୂଳରେ ଦଧିନଉତି ତଳେ ଦୁଇଟି ପଥରସ୍ତର ଥିଲା । ଭାଙ୍ଗିପଡ଼ିବା ପରେ ଉକ୍ତ ପଥରସ୍ତର ଦିଆଯାଇନଥିଲା । ଏବେ କିନ୍ତୁ ସ୍ୟାଣ୍ଡ ଷ୍ଟୋନ୍‌ରେ ପୁଣି ସେହି ପୁରୁଣା ପଥରସ୍ତର କାମ ଆରମ୍ଭ ହୋଇଛି । ଏହା ଉପରେ ବଡ଼ ଆକାରର ଦଧିନଉତି ପ୍ରତିଷ୍ଠା ହେବ । ଏହା ଖଣ୍ଡୋଲାଇଟ୍ ପଥରରେ କରାଯିବ । ଏଥିପାଇଁ ଖଣ୍ଡୋଲାଇଟ୍ ପଥର ବରାଦ କରାଯାଇଛି । ତେଣୁ ପୁରୁଣା ଦଧିନଉତିଠାରୁ ବଡ଼ ଓ ବହୁ ସୁନ୍ଦର ହେବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି । ସେହିପରି ମନ୍ଦିରରେ ଖୁବ୍ ଶୀଘ୍ର ଆର୍ଥ୍ଂ ବ୍ୟବସ୍ଥା କରାଯିବ । ଆର୍ଥ୍ଂ ବ୍ୟବସ୍ଥା ନଥିବାରୁ ବାରମ୍ବାର ବଜ୍ରାପାତରେ ଦଧିନଉତି ଭାଙ୍ଗୁଛି ବୋଲି ଅଧିକାରୀ ସୂଚନା ଦେଇଛନ୍ତି । ଗତ ଶନିବାର ଅପରାହ୍ଣରେ ବଜ୍ରପାତ ଯୋଗୁ ରାମେଶ୍ୱର ମନ୍ଦିରର ଦଧିନଉତି ଖସିପଡ଼ିଥିଲା । ଦଧିନଉତିଟି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ମନ୍ଦିର ପରିସର ଚଟାଣରେ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିଲା । ଏଏସ୍‌ଆଇ କର୍ମଚାରୀମାନେ ଏହି ଭଗ୍ନାବଶେଷଗୁଡ଼ିକୁ ସଂଗ୍ରହ କରି ସଂଗ୍ରହାଳୟରେ ସାଇତି ରଖିଛନ୍ତି । ଏଣେ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହେବା ପାଇଁ ଅସ୍ଥାୟୀଭାବେ ମନ୍ଦିର ଚୂଡ଼ାରେ ବାଲିବସ୍ତା ରଖାଯାଇଛି ଏବଂ ସେଥିରେ ପତାକା ପୋତା ଯାଇଛି ।

ସୂଚନାଯୋଗ୍ୟ ଯେ ଏକାମ୍ର କ୍ଷେତ୍ରର ଅନ୍ୟତମ ପ୍ରାଚୀନ ପୂଜାସ୍ଥଳ ରାମେଶ୍ୱର ମନ୍ଦିରର ନୂଆ ରୂପ ପାଇଁ ରାଜସ୍ଥାନରୁ ସ୍ୱତନ୍ତ୍ର ବାଲୁକା ପଥର(ସ୍ୟାଣ୍ଡ ଷ୍ଟୋନ୍) ଆସିଛି । ସ୍ୱତନ୍ତ୍ର କାରିଗର ବା ଶିଳ୍ପୀମାନେ ସୌନ୍ଦର୍ଯ୍ୟୀକରଣ କାମରେ ଲାଗିଛନ୍ତି । ମନ୍ଦିର ପ୍ରବେଶ ପଥର ପାହାଚ, ଗର୍ଭଗୃହ, ଚଟାଣ ଓ ପୁଷ୍କରିଣୀରେ ମଧ୍ୟ ରାଜସ୍ଥାନ ବାଲୁକା ପଥର ବ୍ୟବହାର କରାଯାଉଛି । ସେହିଭଳି ମନ୍ଦିର ପରିସରରେ ଥିବା ବାଙ୍ଗି, ପୁଷ୍କରିଣୀ ଓ ପାର୍କ ଆଦିକୁ ନୂଆ ରୂପ ଦେବାକୁ କାମ ଜାରି ରହିଛି । ଏହି ସୌନ୍ଦର୍ଯ୍ୟୀକରଣ କାମ ପାଇଁ ୪୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ବର୍ଷା ହେଲେ ମନ୍ଦିରରୁ ପାଣି ଗଳୁଥିଲା । ଏହି ସମସ୍ୟାର ସମାଧାନ ପାଇଁ ଗ୍ରାଉଟିଙ୍ଗ୍ କରାଯିବ । ପାଣି ଗଳୁଥିବା ସ୍ଥାନରେ ଛୋଟ ଛୋଟ କଣା କରାଯାଇ ସେଥିରେ ପଲିମର ଗ୍ରାଉଟିଙ୍ଗ୍ ମସଲା ଦେଇ ପ୍ୟାକ୍ କରାଯିବ ।

ଆଇଟିଆଇରେ ପିଲା ହେଉନାହାନ୍ତି: ପ୍ରଥମ ପର୍ଯ୍ୟାୟ ପରେ ୮୦.୬୮% ସିଟ୍ ଖାଲି

ଭୁବନେଶ୍ୱର , ୨୫/୦୭ (ନି.ପ୍ର): ଓଡ଼ିଶା ସରକାରଙ୍କ ଫୋକସ୍‌ରେ ଦକ୍ଷତା ବିକାଶ ପାଠ୍ୟକ୍ରମ । ଆଇଟିଆଇ, ଡିପ୍ଲୋମାରେ ଶିକ୍ଷା ଗ୍ରହଣ କରି ଅଳ୍ପ ସମୟ ମଧ୍ୟରେ ପିଲାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେଦିଗରେ ପଦକ୍ଷେପ ନିଆଯାଉଛି । ଛାତ୍ରଙ୍କ ପରେ ଛାତ୍ରୀଙ୍କୁ ଆଇଟିଆଇ ଓ ଡିପ୍ଲୋମା ପାଠ୍ୟକ୍ରମକୁ ଆକୃଷ୍ଟ କରିବା ପାଇଁ 'ସୁଦକ୍ଷା' ଯୋଜନା କାର୍ଯ୍ୟକାରୀ ହେଉଛି । ତା'ସତ୍ତ୍ୱେ ବି ପିଲାମାନଙ୍କର ଆଗ୍ରହ ଦେଖିବାକୁ ମିଳୁନି । ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ପରେ ମଧ୍ୟ ୮୦.୬୮% ସିଟ୍ ଖାଲି ପଡ଼ିଛି । କେଉଁଠି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏକ ଅଙ୍କରେ ଅଟକି ରହିଛି ତ ଆଉ କେଉଁଠି ଆଦୌ ଛାତ୍ରଛାତ୍ରୀ ନାମ ଲେଖାଇପାରି ନାହାନ୍ତି । ଘରୋଇ ଆଇଟିଆଇ ଦୂରେ ଥାଉ, ଖୋଦ୍ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସରକାରୀ ଆଇଟିଆଇରେ ମଧ୍ୟ ବହୁ ପରିମାଣରେ ସିଟ୍ ଖାଲି ପଡ଼ିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଗତ ୨୦୨୦-୨୧ ଶିକ୍ଷାବର୍ଷରୁ ଆଇଟିଆଇ ସଂଖ୍ୟା ଲଗାତାର ଭାବେ ହ୍ରାସ କରାଯାଉଥିଲା । ମାତ୍ର ଏଥର ଆଇଟିଆଇ ସଂଖ୍ୟା ଗତବର୍ଷ ତୁଳନାରେ ବୃଦ୍ଧି ପାଇଛି । ୨୦୨୦-୨୧ ଶିକ୍ଷାବର୍ଷରେ ଆଇଟିଆଇଗୁଡ଼ିକରେ ବହୁ ସିଟ୍ ଖାଲି ପଡ଼ିଥିବାରୁ ୨୦୨୧-୨୨ରେ ଓଡ଼ିଶାର ୪୯ଟି ସରକାରୀ ଓ ୪୫୭ଟି ଘରୋଇ ଆଇଟିଆଇର ୧୪ ହଜାର ସିଟ୍ ହ୍ରାସ କରିଥିଲେ । ୨୦୨୨-୨୩ରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ରାଜ୍ୟ ସରକାର ୩୯ଟି ଆଇଟିଆଇର ନାମଲେଖା ବନ୍ଦ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୫୧୬ଟି ଆଇଟିଆଇରେ ନାମଲେଖା ନିଷ୍ପତ୍ତି ହୋଇଥିଲା । ଯେଉଁଥିରେ ୬୦ଟି ସରକାରୀ ଓ ୪୫୫ଟି ଘରୋଇ ଆଇଟିଆଇ ଥିଲେ । ଯାଞ୍ଚ ପରେ ଜଣାପଡ଼ିଥିଲା ଯେ ଉକ୍ତ ଶିକ୍ଷାନୁଷ୍ଠାନର ଆବଶ୍ୟକ ଭିତ୍ତିଭୂମି ନାହିଁ । ତେଣୁ ସେମାନଙ୍କ ସିଟ୍ କାଟି ଦେବାକୁ ରାଜ୍ୟ ସରକାରଙ୍କୁ ସୁପାରିସ୍ କରାଯାଇଥିଲା । ଫଳରେ ଗତବର୍ଷ ମୋଟ ୪୭୭ଟି ଆଇଟିଆଇରେ

ନାମଲେଖା ହୋଇଥିଲା । ସେଥିରେ ବହୁ ସିଟ୍ ଖାଲି ରହିବା ସତ୍ତ୍ୱେ ରାଜ୍ୟ ସରକାର ନୂତନ ସରକାରୀ ଆଇଟିଆଇ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ । ସାମ୍‌ସ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ୨୦୨୩-୨୪ ଶିକ୍ଷାବର୍ଷରେ ୪୮୮ଟି ଆଇଟିଆଇର ୮୨ହଜାର ୨୪୪ ସିଟ୍‌ରେ ନାମଲେଖା ହେଉଛି । ଏଥିପାଇଁ ୬୭ହଜାର ୪୦୦ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୫୦ହଜାର ୫୦୧ଜଣ ଛାତ୍ରଛାତ୍ରୀ ଆବଶ୍ୟକ ଫି' ଦାଖଲ କରି ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ । ରାଜ୍ୟ ବାହାରର ମାତ୍ର ୩୧୩ଜଣ ଆବେଦନକାରୀ ରହିଥିଲେ । ୨୦୧୪ରୁ ୨୦୨୩ ମଧ୍ୟରେ ମାଟ୍ରିକ୍ ପାସ୍ କରିଥିବା ୪୮ହଜାର ୬୩୯ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ଏହା ପୂର୍ବରୁ ମାଟ୍ରିକ୍ ପାସ୍ କରିଥିବା ୧,୭୨୧ ଜଣ ଆଇଟିଆଇ ପଢ଼ିବା ଲାଗି ଆଗ୍ରହ ପ୍ରକାଶ କରି ଆବେଦନ କରିଥିବା ସାମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି । ଏଥର ରେକର୍ଡ ସଂଖ୍ୟକ ୧୧ ହଜାର ୭୨୧ଜଣ ଛାତ୍ରୀ ଆବେଦନ କରିଛନ୍ତି, ଯେଉଁଥିରେ ରାଜ୍ୟ ବାହାର ୧୧ଜଣ ରହିଛନ୍ତି । ଏତେ ସବୁ ଆବେଦନ ପରେ ବି ଆଜି ସୁଦ୍ଧା ୧୫ହଜାର ୮୯୦ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ଏବଂ ୬୬ ହଜାର ୩୫୪ ସିଟ୍ ଖାଲି ରହିଛି । ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆହୁରି କିଛି ସିଟ୍ ପୂରଣ ହେବାର ସମ୍ଭାବନା ରହିଛି ।

ପଂଚାୟତସ୍ତରିୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୨୫/୦୭ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି, ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ.ନିଶା, ଏପିଓ ମାନସ ରଞ୍ଜନ କର, ସରପଂଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହଟିକଲଚର, କୃଷି ବିଭାଗ ଅନ୍ୟ ଲାଇନ ର ଅଧିକାରି ମାନେ ଉପସ୍ଥିତ ଥିଲେ । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଆଦି ଉପରେ ଅଭିଯୋଗ କରାଯାଇଥିଲା ।

ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୫/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ

ପୂର୍ବତନ ନାଏବ ସରପଂଚ ବ୍ରଜେଶ୍ୱରୀ ଗିରିଙ୍କ ପରଲୋକ

ଜଳେଶ୍ୱର , ୨୫/୦୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ପଂଚାୟତର ପୂର୍ବତନ ନାଏବ ସରପଂଚ ବ୍ରଜେଶ୍ୱରୀ ଗିରିଙ୍କ ୭୧ ବର୍ଷ ବୟସରେ ପରଲୋକ ଘଟିଛି । କିଛିଦିନ ଧରି ସେ ଯକୃତ କର୍କଟ ରୋଗରେ ପିଡିତ ଥିଲେ । ଆଜି ଶେଷ ନିଶ୍ୱାସ ତ୍ୟାଗ କଲାବେଳେ ଜ୍ଞାତି, କୁଟୁମ୍ବ ଓ ପରିବାରବର୍ଗ ଉପସ୍ଥିତ ଥିବାବେଳେ ଗାଁ ଶ୍ମଶାନରେ ପୁଅ ସପନ ଓ ତପନ ମୁଖାଗ୍ନି ଦେଇଥିଲେ । ସେ ଜଣେ ପରପୋକାରୀ, ସ୍ନେହୀ, ଧର୍ମପ୍ରାଣା, ଦୃଢ ସଂଗଠକ ଓ ଦରଦୀ ମଣିଷ ଥିଲେ । ସେ ୨୦୦୭ରେ ନାଏବ ସରପଂଚ ଥିବା ବେଳେ ୨୦୧୨ରେ ୱାର୍ଡ ସଦସ୍ୟଭାବେ କାର୍ଯ୍ୟ ତୁଲାଇଥିଲେ । ତାଙ୍କ ମୃତ୍ୟୁରେ ପୂର୍ବତନ ସରପଂଚ ସୁଦାମ ପାତ୍ର, ବିନୟ କୁମାର ଜେନା, ଦୀପାଳୀ ଜେନା, ଅକ୍ଷୟ ଜେନା, କଂଗ୍ରେସ ନେତା ସୁଦର୍ଶନ ଦାସ, ରାଜୀବ ପରିଡା, ଚିତ୍ତରଂଜନ ପରିଡା, ସପନ ଜେନା, ସୁଶାନ୍ତ ଦେ, ଆଶିଷ ଜେନା, ଲକ୍ଷ୍ମିଧର ଗିରି, ସୁଶିଲ ମହାନ୍ତି, ନରୋତ୍ତମ ପ୍ରଧାନ, ହରିଶ୍ଚନ୍ଦ୍ର ଗିରି, ସୁବଳ ପାତ୍ର, ଯଜ୍ଞେଶ୍ୱର ଦତ୍ତ, ସରପଂଚ ରାଜେଶ ଜେନା, ମଧୁସୂଦନ ସିଂ, ସ୍ଥାନୀୟ ସ୍କୁଲର ବହୁ ଶିକ୍ଷକ ତାଙ୍କର ଶେଷ ଦର୍ଶନ କରିଥିଲେ ।

ଚାରାରୋପଣ ସହିତ ବୃଦ୍ଧାଶ୍ରମରେ ଜନ୍ମଦିନ ପାଳିଲେ ସନ୍ତୋଷ

କୋରେଇ, ୨୫/୦୭ (ନି.ପ୍ର): କାହାର ସମାଜସେବା ପ୍ରତି କଣ ଭାବନା ତାହା ତାଙ୍କୁ ଜଣାନାହିଁ, ତଥାପି ସମାଜ ସେବା କ୍ଷେତ୍ରରେ ଏତେ କମ ବୟସରୁ ସେ ଆଗଭର ହୋଇ ବିଭିନ୍ନ ସମୟରେ ଅନେକ ଗୁଡିଏ ମହତ ସେବା କାର୍ଯ୍ୟରେ ନିୟୋଜିତ ହୋଇ ସମାଜସେବାକୁ ଆପଣେଇଛନ୍ତି ।କଥାରେ ଅଛି ତୁଳସୀ ଦୁଇପତ୍ରରୁ ବାସେ । ସେପରି ନିଆରା ଢଙ୍ଗରେ ନିଜ ଜନ୍ମଦିନ ପାଳନ କରି ପ୍ରଶଂସା ସାଉଁଟିଛନ୍ତି ସନ୍ତୋଷ କୁମାର ସାହୁ । ଗୋଳେଇପୁର ପଂଚାୟତ ଅନ୍ତର୍ଗତ ସୋର୍ତି ଗ୍ରାମର ହରେକୃଷ୍ଣ ସାହୁ ଓ ଶୁଭସ୍ମିତାଙ୍କ ବଡ଼ପୁଅ ସନ୍ତୋଷ ନିଜର ୯ ତମ ଜନ୍ମ ଦିବସରେ ସୋତୀ ଗ୍ରାମରେ ଆରାଧ୍ୟା ଦେବୀ ମା ହିଙ୍ଗୁଳାଙ୍କ ପ୍ରାଙ୍ଗଣରେ ୯ଟି ଚାରାରୋପଣ କରିବା ସହିତ ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ ଶେଷ ପରିଚୟର ଅନ୍ତେବାସୀଙ୍କ ଗହଣରେ କେକ କାଟି ନିଜର ଜନ୍ମଦିନ ପାଳନ କରିଛନ୍ତି । ଜୀବଜନ୍ତୁଙ୍କ ସେବା ସହିତ ପରିବେଶ ସୁରକ୍ଷାରେ ରୁଚି ରଖୁଥିବା ହରେକୃଷ୍ଣ ସାହୁ ପାଣିକୋଇଲିର ଅଗ୍ରଣୀ ସେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ'ର କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି । ତେବେ ନିଜ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସନ୍ତୋଷ ନିଜର ଜନ୍ମଦିନକୁ ଏଭଳି ଭାବରେ ପାଳନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ରାଜପଥ ପେଟ୍ରୋଲିଂ ପୁଲିସ ଅଧିକାରୀ ଅଶୋକ କୁମାର ବଳ,ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ତାରିଣୀ ପଟ୍ଟନାୟକ,ସଭାପତି ଅଶୋକ କୁମାର ଦାସ,ସମ୍ପାଦକ ମେଘନାଦ ଜେନା, ପ୍ରଦୀପ ମାଝୀ, ସୁନୀଲ କୁମାର ଓଝା, ସୋଭିନ ପରିଡ଼ା, ତଥା ଶେଷ ପରିଚୟର କର୍ମକର୍ତା ଗୋଲକ ବିହାରୀ ପରିଡ଼ା, ଆଦିତ୍ୟ ନାରାୟଣ ସ୍ୱାଇଁ ପ୍ରମୂଖ ଉପସ୍ଥିତ ଥିଲେ ।

ପାଳିତ ହେଲା ବିଶ୍ୱ ଜଳ ବୁଡି ନିରୋଧ ଦିବସ

ପୁରୀ, ୨୫/୦୭ (ନି.ପ୍ର): ପାଣିରେ କାହାର ଜୀବନ ନ ଯାଉ ଏଭଳି ଆଭିମୁଖ୍ୟ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ମିଳିତ ଜାତିସଂଘ ପ୍ରତିବର୍ଷ ଜୁଲାଇ ୨୫ ତାରିଖକୁ ବିଶ୍ୱ ଜଳବୁଡ଼ି ନିରୋଧ ଦିବସ ଘୋଷଣା କରିଛନ୍ତି । ଓଡ଼ିଶାରେ ପ୍ରତ୍ୟେକ ଦିନ ଜଣେରୁ ଅଧିକ ଓ ଭାରତରେ ୮୦ ଜଣ ପାଣିରେ ବୁଡ଼ି ମୃତ୍ୟୁବରଣ କରୁଛନ୍ତି । ମିଳିତ ଜାତିସଂଘ ତଥ୍ୟ ମୁତାବକ, ପାଣିରେ ବୁଡ଼ିଯିବା ଦ୍ୱାରା ପ୍ରତିବର୍ଷ ୨ ଲକ୍ଷ ୩୬ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି । ଏହି ମୃତ୍ୟୁ ନିତିଦିନିଆ କାର୍ଯ୍ୟକଳାପ ସହିତ ଜଡିତ । ଯେପରିକି ଗାଧୋଇବା, ଘରୋଇ ବ୍ୟବହାର ପାଇଁ ପାଣି ସଂଗ୍ରହ, ଡଙ୍ଗା କିମ୍ବା ଘାଟରେ ପାଣି ଉପରେ ଯାତ୍ରା କରିବା ଇତ୍ୟାଦି । ସେହିପରି ମତ୍ସ୍ୟଜୀବୀମାନେ ମାଛ ମାରି ଯିବା ସମୟରେ ମଧ୍ୟ ବିପଦରେ ପଡିଥାନ୍ତି । ଏହି ଉପଲକ୍ଷେ ମଙ୍ଗଳବାର ପୁରୀ ବିଚ୍ ଲାଇଫ୍ଗାର୍ଡ ମହାସଂଘ ପକ୍ଷରୁ ବିଶ୍ୱ ଜଳବୁଡ଼ି ନିରୋଧ ଦିବସ ପାଳନ କରାଯାଇଛି । ପ୍ରତିବର୍ଷ ଜୁଲାଇ ୨୫ ତାରିଖକୁ ବିଶ୍ୱ ଜଳବୁଡ଼ି ନିରୋଧ ଦିବସ ରୂପେ ପାଳନ କରାଯାଉଛି । ମଙ୍ଗଳବାର ପୁରୀ ବିଚ୍ ଲାଇଫ ଗାର୍ଡ ମହାସଂଘ ପକ୍ଷରୁ ବେଳାଭୂମିରେ ବିଶ୍ୱ ଜଳବୁଡ଼ି ନିରୋଧ ଦିବସ ପାଳନ କରାଯାଇଛି । ମହାସଂଘ ତରଫରୁ ଲାଇଫ ଗାର୍ଡ, ବିଭିନ୍ନ ସ୍ୱେଚ୍ଛାସେବୀ ଓ ବ୍ୟବସାୟୀ ଅନୁଷ୍ଠାନ, ସ୍କୁଲ କଲେଜ ଛାତ୍ର ଛାତ୍ରୀ, ହୋଟେଲ କର୍ମଚାରୀ ମିଶି ୧,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ମାନବ ଶୃଙ୍ଖଳ କରାଯାଇଥିଲା । ଯାହା ପୁରୀ ସମୁଦ୍ର କୂଳରେ ଦେଢ଼ କିଲୋମିଟର ବ୍ୟାପି ରହିଥିଲା । ଏହା ଏକ ସର୍ବକାଳୀନ ରେକର୍ଡ଼ ବୋଲି ପୁରୀ ବିଚ୍ ଲାଇଫ ଗାର୍ଡ ମହାସଂଘ ମୁଖ୍ୟ ଉପଦେଷ୍ଟା ଶ୍ରୀ ସିଦ୍ଧାର୍ଥ ରାୟ ସୂଚନା ଦେଇଥିଲେ । ଏହି ଅବସରରେ ଲାଇଫ ଗାର୍ଡ ମାନେ ସମୁଦ୍ରରେ ଉଦ୍ଧାର କୌଶଳ ଦେଖାଇ ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଆଗାମୀ ସମୟରେ ପୁରୀ ବିଚ୍ କୁ ସେଫ୍ଟି ବିଚ୍ ଭାବରେ ପରିଚିତ କରାଇବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ସୂଚନା ଦେବା ସହିତ ପ୍ରାରମ୍ଭିକ ପର୍ଯ୍ୟାୟରେ ପଚାଶ ଲକ୍ଷ ଟଙ୍କା ଅନୁଦାନ ରାଶି ରାଜ୍ୟ ସରକାର ପ୍ରଦାନ କରିଛନ୍ତି କହିଥିଲେ । ଯେଉଁଥିରେ ପୁରୀ ବିଚରେ ଲାଇଫ ଗାର୍ଡ଼ିଂ କରୁଥିବା ଲାଇଫ ଗାର୍ଡ ମାନଙ୍କୁ ଅତ୍ୟାଧୁନିକ ସାଜ ସରଞ୍ଜାମ ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବରେ ହୁ (ଙ୍ଗଷକ୍ଟ)ର ଲାଇଫ ଗାର୍ଡ ସେଭିଂ କମିଟି ମେମ୍ବର ଜର୍ଜ ମାକାଶାରେ ଅନ୍ତରାଷ୍ଟ୍ରୀୟ ସ୍ତରରେ କିଭଳି ଭାବରେ ଲାଇଫ ସେଭିଂ କରାଯାଉଛି, ସେ ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବରେ ପୁରୀ ଉପ ଜିଲ୍ଲାପାଳ ଭବତରଣ ସାହୁ, ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଜିଲ୍ଲା ସୂଚନା ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଭିକ୍ଟୋରିଆ କ୍ଲବ୍ ହୋଟେଲ ର ଏମ. ଡି ଦେବାଶିଷ କୁମାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠାନର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ମହାସଂଘର ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ମହାସଂଘ ତରଫରୁ ଜୀବନ ବ୍ୟାପି ସାଧନା ପାଇଁ ସ୍ୱର୍ଗତ ଅଙ୍କ ନାରାୟଣଙ୍କୁ ମରଣତର ଭାବରେ ରତ୍ନାକର ସମ୍ମାନ ୨୦୨୩ ପ୍ରଦାନ କରାଯାଇଥିଲା । ସେହିପରି ଜୀବନ ବ୍ୟାପି ସାଧନା ପାଇଁ ଲାଇଫ ଗାର୍ଡ ପୁରୁଷୋତମ୍ ରାଓ, ଓଡ଼ି ମୋହନ, ନାଗଲ ନଚେୟା, ପୋକାଲ ଆରେୟା, ବି. ଗୌରୟା, ଗୋବିନ୍ଦ ସହଦେବଙ୍କୁ ସମ୍ମାନିତ କରାଯାଇଥିଲା । ମହାସଂଘର ଲାଇଫ ଗାର୍ଡିଙ୍ଗ ସେବାରେ ମୃତ୍ୟୁବରଣ କରିଥିବା ୬ ଜଣ ଲାଇଫ ଗାର୍ଡ ପରିବାର ଲୋକଙ୍କୁ ମହାସଂଘ ତରଫରୁ ପ୍ରତ୍ୟେକ ପରିବାରଙ୍କୁ ୭୦ ହଜାର ଟଙ୍କା ଲେଖାଏଁ ସର୍ବମୋଟ ୪ ଲକ୍ଷ ୨୦ ହଜାର ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମହାସଂଘ ସଭାପତି ବାଡ଼ି ଶିବ, ଉପସଭାପତି ବାଡ଼ି ଅରେୟା, ସମ୍ପାଦକ ପୋକାଲ୍ ହାରି, ସହ ସମ୍ପାଦକ ଜି. ରମେଶ ତଥା ହରଚଣ୍ଡି ଲାଇଫ ଗାର୍ଡ ଆସୋସିଏସନ୍, ସାଗର ତରଙ୍ଗ ଲାଇଫ ଗାର୍ଡ ଆସୋସିଏସନ୍, କାଳୀ ମା ଲାଇଫ ଗାର୍ଡ ଆସୋସିଏସନ୍, ଗୋଲଡ୍ଡେନ ଲାଇଫ ଗାର୍ଡ ଆସୋସିଏସନ୍, ସରସ୍ୱତୀ ଲାଇଫ ଗାର୍ଡ ଆସୋସିଏସନ୍ ଓ ଚକ୍ରତୀର୍ଥ ଲାଇଫ ଗାର୍ଡ ଆସୋସିଏସନ୍ ର କର୍ମକର୍ତା ମାନେ ପରିଚାଳନା କରିଥିଲେ ।

ଫୁଲରାଣୀ ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ଚାରା ବଣ୍ଟନ

ଭଦ୍ରକ, ୨୫/୦୭ (ନି.ପ୍ର): ଭଦ୍ରକ କୁଶଗଡ଼ିଆ ସ୍ଥିତ ଫୁଲରାଣୀ ଫାଉଣ୍ଡେସନର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଚାନ୍ଦବାଲି ବ୍ଲକ ମାଧବପୁର ଗ୍ରାମରେ ୧୦୦ଟି ପରିବାରକୁ ୨୦୦ରୁ ଊର୍ଦ୍ଧ୍ୱ ଆମ୍ବ ଚାରା ବଣ୍ଟନ କରାଯାଇଛି । ଏହି ଅବସରରେ ଫାଉଣ୍ଡେସନର ଡାଇରେକ୍ଟର ପୀତାମ୍ବର ବିଶ୍ୱାଳ, ମାଧପୁର ପଞ୍ଚାୟତର ସରପଞ୍ଚ ବିନୋଦ ଦାସ, ଗଣନାଥ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚକ୍ରଧର ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ପରିବେଶର ସୁରକ୍ଷା ତଥା ଜଳବାୟୁର ପରିବର୍ତ୍ତନ ନିମନ୍ତେ ବୃକ୍ଷର ଆବଶ୍ୟକତା ସବୁଠାରୁ ଅଧିକ । ପୃଥିବୀକୁ ରକ୍ଷା କରିବାକୁ ହେଲେ ବୃକ୍ଷରୋପଣ କରି ଏହାର ସବୁଜିମାକୁ ବଜାୟ ରଖିବାକୁ ହେବ । ଯାହା ଆଗାମୀ ପିଢ଼ି ପାଇଁ ଉପାଦେୟ ହୋଇ ପାରିବ ବୋଲି ବୃକ୍ଷ ଚାରା ବଣ୍ଟନ କରି ଲୋକଙ୍କୁ ବୁଝାଇଥିଲେ । ପ୍ରକାଶ ଥାଉ କି ଫୁଲରାଣୀ ଫାଉଣ୍ଡେସନ ବିଗତ ଏକବର୍ଷ ଧରି ବାଳିକା ଶିକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ଗେଲଟୁଆ ଆଦିବାସୀ କଲୋନୀର ପିଲାମାନଙ୍କୁ ମାଗଣାରେ ନିୟମିତ ପାଠ ପଢ଼ାଇବା ସହିତ ସକାଳ ଜଳଖିଆ ଯୋଗାଇ ଆସୁଅଛି । ଏହା ବ୍ୟତୀତ ଶୀତ ଋତୁରେ ଗରିବ ଆଦିବାସୀ ମହିଳା ପୁରୁଷଙ୍କୁ ଶୀତବସ୍ତ୍ର, କମ୍ବଳ, ବେଡସିଟ୍ ଆଦି ପ୍ରଦାନ କରିଆସୁଛି ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ମଣିପୁର ଦିବସ ପାଳିତ

ଜୟପୁର, ୨୫/୦୭ (ନି.ପ୍ର): ସର୍ବଭାରତୀୟ ସ୍ତରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆହୁତ ମଣିପୁର ଦିବସ କୋରାପୁଟ ଜିଲ୍ଲାର ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ମଣିପୁରରେ ଜାତିଗତ ସାମ୍ପ୍ରଦାୟିକ ଦଙ୍ଗା ହିଂସାରେ ପ୍ରାୟ ଦୁଇ ଶହ ଲୋକଙ୍କ ଜୀବନ ହାନି ହେଲାଣି ଏବଂ ସତୁରୀ ହଜାର ଲୋକ ରିଲିଫ କ୍ୟାମ୍ପରେ ରହୁଛନ୍ତି । ସମ୍ପୂର୍ଣ୍ଣ ଉତର ପୂର୍ବାଂଚଳରେ ଏହାର ପ୍ରଭାବ ବିସ୍ତାର ହେବାରେ ଲାଗିଛି । ମଣିପୁରରେ ଗତ ତିନି ମାସ ହେଲା ଦଙ୍ଗା ଆରମ୍ଭ ହୋଇଥିଲେ ମଧ୍ୟ ଦେଶର ପ୍ରଧାନମନ୍ତ୍ରୀ ସମଗ୍ର ବିଶ୍ୱ ଭ୍ରମଣ କରି ଆସି ସାରିଛନ୍ତି କିନ୍ତୁ, ଗୋଟିଏ ପଦ ୭୯ ଦିନ ପର୍ଯ୍ୟନ୍ତ ମଣିପୁର ହିଂସା ଦଙ୍ଗା ଉପରେ କହି ନାହାଁନ୍ତି । ୭୯ ଦିନ ପରେ ମହିଳାଙ୍କୁ ଉଲଗ୍ନ କରି ଚଲେଇବା, ପାଶବିକ ଅତ୍ୟାଚାର କରିବାର ଭିଡିଓ ସାରା ବିଶ୍ୱରେ ପ୍ରଘଟ ହେବା ପରେ ମୋଦୀ ଜୀ ମୁହଁ ଖୋଲିଲେ । ମହିଳା ମାନଙ୍କ ଇଜତ୍ ରକ୍ଷା କରିବା ଓ ଦେଶର ଭୁଲୁଣ୍ଠିତ ସ୍ୱାଭିମାନ ଫେରେଇ ଆଣିବାକୁ ବିଜେପିକୁ ଦେଶର ଶାସନ ଗାଦିରୁ ହଟେଇବା ପାଇଁ ଆହ୍ୱାନ ଦେଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବିଜେପିର ଡବଲ ଇଞ୍ଜିନ୍ ମଡ଼େଲକୁ ଭର୍ତ୍ସନା କରିବା ସହ ମଣିପୁରର ମୁଖ୍ୟମନ୍ତ୍ରୀ ବିରେନ୍ ସିଂହଙ୍କ ଇସ୍ତଫା ଦାବି କରିଛି । ଦେଶର ବିବିଧତା ଭିତରେ ଏକତା ଆର.ଏସ୍.ଏସ୍. ଓ ବିଜେପିର ଉତ୍କଟ ସାମ୍ପ୍ରଦାୟିକତାବାଦୀ ନୀତି ଫଳରେ ବିଘ୍ନିତ ହୋଇଛି । ମଣିପୁର ହିଂସା ଦଙ୍ଗା ହେଉଛି ତାର ଉଦାହରଣ । ଦେଶର ଐକ୍ୟ ଅଖଣ୍ଡତା ପାଇଁ ସିପିଆଇ ଦୃଢ଼ ସ୍ୱରରେ କହିଛି ଯେ, ଖାଲିସ୍ଥାନ କି ହିନ୍ଦୁ ରାଷ୍ଟ୍ର ନୁହେଁ ଏ ଦେଶ ହିନ୍ଦୁସ୍ଥାନ ହୋଇ ରହିବ । ଆଜିର ବିକ୍ଷୋଭ ପ୍ରଦର୍ଶନରେ ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ଯୁବ ସଂଘ ରାଜ୍ୟ ସହ ସମ୍ପାଦକ କୁମାର ଜାନୀ, ଏଆଇଟିୟୁସି ସଂଗଠନର ଉତମ ମଲ୍ଲିକ, ନନ୍ଦ ହରିଜନ, ଅନନ୍ତ ବାଘ, ବୈଦ୍ୟନାଥ ହରିଜନ ପ୍ରମୁଖ ଯୋଗଦାନ କରିଥିଲେ ।

ସ୍ୱର୍ଗତ କଳ୍ପତରୁ ଦାସଙ୍କ ୮ମ ବାର୍ଷିକଶ୍ରାଦ୍ଧ ବାର୍ଷିକ ଅବସରରେ ବିଶାଳ ଗଣଦୌଡ

ଧର୍ମଶାଳା, ୨୫/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳାର ପୂବର୍ତ୍ତନ ବିଧାୟକ ତଥା ରାଜ୍ୟସଭା ସାଂସଦଦିବାଙ୍ଗତ ନେତା କଳ୍ପତରୁ ଦାସଙ୍କ ୮ମ ଶ୍ରାଦ୍ଧ ବାର୍ଷିକ ଅବସରରେ ଆଜି ସକାଳ ସମୟରେ ତ୍ରୀରଙ୍ଗା ଆନୁକୂଲ୍ୟରେ ଧର୍ମଶାଳା ଯୁବ, ଛାତ୍ର ବିଜେଡି ସହଯୋଗରେ ଏକ ବିଶାଳ ଗଣଦୌଡ ଆୟୋଜନ କରାଯାଇଥିଲା । ଏହି ଗଣଦୌଡରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବାଙ୍କି ବିଧାୟକ ତଥା ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀ, ପିପିଲ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ଧର୍ମଶାଳା ପଂଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଗଣଦୌଡ ରାଣୀ ଧର୍ମଶାଳାସ୍ଥିତ ଅହଲ୍ୟାବାଈ ଭବନଠାରୁ ଆରମ୍ଭ ହୋଇ ଶାନ୍ତିବଜାର, ଜାରକା ଓ ଧର୍ମଶାଳା ବ୍ଲକ୍ ବାଟଦେଇ ବଜାର ପରିକ୍ରମା କରି କଳ୍ପତରୁ ଦାସ ଷ୍ଟାଡିୟମ ଠାରେ ଶେଷ ହୋଇଥିଲା । ଏହି ଗଣ ଦୌଡରେ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଶୁଭମ ମଲ୍ଲିକ୍, ଦ୍ୱିତୀୟ ସ୍ଥାନ ସ୍ମୃତିରଞ୍ଜନ ସେଠୀ ଏବଂ ତୃତୀୟ ସ୍ଥାନ ଦେବବ୍ରତ ସାହୁଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିବା ସହିତ ଆର୍ଥିକ ରାଶି ପ୍ରଦାନ କରିଥିଲେ । ଏହି ଗଣଦୌଡରେ ୧୪ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ତ୍ରୀରଙ୍ଗା ସଭାପତି କ୍ଷିତୀଶ ମହାନ୍ତି, ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଜିଲ୍ଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ନିରଞ୍ଜନ ସାମଲ, କୁଞ୍ଜ ସାହୁ, ସୌମ୍ୟ ପଣ୍ଡା ଏବଂ ଅନେକ ସହକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

କୋଭିଡ ମହାମାରୀର ଅନାଥ ଓ ବାହାନଗା ରେଳ ଦୁର୍ଘଟଣାରେ ପିତାଙ୍କୁ ହରାଇଥିବା ପିଲାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ

ବାରିପଦା , ୨୫/୦୭ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସେଣ୍ଟର ଠାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ କୋଭିଡ ମହାମାରୀ ଏବଂ ବାହାନଗା ରେଳ ଦୁର୍ଘଟଣାରେ ପିତାଙ୍କୁ ହରାଇଥିବା ଶିଶୁ ମାନଙ୍କ ସହିତ ଜିଲ୍ଲାପାଳଙ୍କ ସମ୍ବେଦନ ଭରା୍ଵାକ୍ୟାଳାପ ଓ ଭାବ ବିନିମୟ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଯୋଗ ଦେଇ କୋଭିଡ ମହାମାରୀ ସମୟରେ ପିତା/ ମାତା ହରାଇଥିବା ୧୮ ବର୍ଷ ରୁ କମ ବୟସ ୫ ଜଣ ଅନାଥ ପିଲା ଏବଂ ବାହାନଗା ରେଳ ଦୁର୍ଘଟଣା ରେ ନିଜ ନିଜ ପିତା ଙ୍କୁ ହରାଇଥିବା ୮ଜଣ ଅନାଥ ଶିଶୁ ତଥା ସେମାନଙ୍କ ପରିବାର ବର୍ଗ ଙ୍କ ସହିତ ସମ୍ବେଦନ ଭରା ଭାବ ବିନିମୟ କରିଥିଲେ । ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣା ରେ ପିତା ଙ୍କୁ ହରାଇଥିବା ୮ ଜଣଙ୍କୁ ସ୍ୱତନ୍ତ୍ର ସ୍କିମ ରେ ପ୍ରତ୍ୟେକ ହିତାଧିକାରୀ ଙ୍କୁ ସେମାନଙ୍କ ଭରଣ ପୋଷଣ ତଥା ପାଠ ପଢା ବାବଦ ରେ ମାସିକ ଚାରି ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ ଯାହାକି ସେମାନଙ୍କ ବ୍ୟାଙ୍କ ପାଶ ବୁକ ରେ ମାସକୁ ମାସ ସିଧାସଳଖ ଜମା ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ.ଏହି ଅବସରରେ ଜିଲ୍ଲାପାଳ ପିଲାମାନଙ୍କୁ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ବୁଝିବା ସହିତ ଭବିଷ୍ୟତ ର ଲକ୍ଷ୍ୟ ସମ୍ବନ୍ଧ ରେ ପିଲାମାନଙ୍କୁ ପଚାରି ବୁଝିଥିଲେ । ଯେଉଁ ସହାୟତା ରାଶି ପ୍ରଦାନ କରାଯାଉଛି ତାର ଯେପରି ପୂର୍ଣ୍ଣ ସଦୁପଯୋଗ ହୁଏ ସେଥିପ୍ରତି ଯତ୍ନବାନ ହେବା ପାଇଁ ପରିବାର ବର୍ଗଙ୍କୁ ପରାମର୍ଶ ଦେଇଥିଲେ । ଯଦି କୌଣସି ପ୍ରକାର ଅସୁବିଧା ପରିସ୍ଥିତି ର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ପ୍ରଶାସନ କୁ ଅବଗତ କରାଇଲେ ତାହାର ସମାଧାନ ଅଗ୍ରାଧିକାର ଭିତ୍ତରେ କରାଯିବ ବୋଲି ଅନାଥ ପିଲାମାନଙ୍କ ପରିବାର ବର୍ଗ ଙ୍କୁ ଆଶ୍ୱାସନା ଦେଇଥିଲେ । ପ୍ରକାଶ ଥାଉକି କୋଭିଡ ରେ ପିତାମାତା ଙ୍କୁ ହରାଇଥିବା ପିଲା ମାନଙ୍କୁ ୧୦ ଲକ୍ଷ ଟଙ୍କା ପୂର୍ବରୁ ପ୍ରଦାନ କରାଯିବା ସହ ଉକ୍ତ ସ୍ୱତନ୍ତ୍ର ସହାୟତା ରାଶି ୪୦୦୦ ଟଙ୍କା ଓ ଆଶୀର୍ବାଦ ଯୋଜନା ରେ

ବୁଧବାର, ଜୁଲାଇ ୨୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଜାତୀୟ ମାନବାଧିକାର ସାମ୍ମୁଖ୍ୟ ପକ୍ଷରୁ ବୃକ୍ଷ ରୋପଣ

ବାରିପଦା , ୨୫/୦୭ (ନି.ପ୍ର): ସମଗ୍ର ରାଜ୍ୟରେ ବନ ମହୋତ୍ସବ ପାଳିତ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ ହେଉଛି । ଏହି ଅବସରରେ ୨୪ ତାରିଖ ଦିନ ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ପକ୍ଷରୁ ବାରିପଦା ସହରର ତୁଳସୀ ଚଉରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଡ଼ିଆରେ ବିଭିନ୍ନ ପ୍ରକାରର ବୃକ୍ଷ ଯଥା ନିମ୍ବ,କରଞ୍ଜ,ଅଶୋକ,କୃଷ୍ଣଚୂଡ଼ା, ବଉଳ,ରାଧାଚୂଡା ପ୍ରଭୃତି ରୋପଣ କରାଯାଇଛି । ସାମ୍ମୁଖ୍ୟ ର ମୟୂରଭଞ୍ଜ ଜିଲ୍ଲା ସଭାପତି ତଥା ଶିଶୁ ମନ୍ଦିରର ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନ ର ରାଜ୍ୟ ଉପଦେଷ୍ଟା ସ୍ୱରୂପ ପଟ୍ଟନାୟକ, ଆଶିଷ କୁମାର ବଶା, ଜିଲ୍ଲା ଉପସଭାପତି ଅନୀଲ କୁମାର ପଟ୍ଟନାୟକ, ଗୋବିନ୍ଦ ଗିରି,ସତ୍ୟନାଥ ମହାକୁଡ, ରାଷ୍ଟ୍ରୀୟ ଉପସଭାପତି ତପନ କୁମାର ପତି,ଶିଶୁ ମନ୍ଦିରର ସଭାପତି ଗଂଗାଧର ବେହେରା, ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ, ଗୁରୁଜୀ ବିଷ୍ଣୁ ମହାନ୍ତ ପ୍ରମୁଖ ଙ୍କ ସମେତ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ୩୦ ଟି ବୃକ୍ଷ ରୋପଣ

କରାଯାଇଥିଲା । ଶିଶୁ ମନ୍ଦିରର ସମସ୍ତ ପଦାଧିକାରୀ ଓ କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ ।

ଭଦ୍ରକ ଜିଲ୍ଲା ଲେଖିକା ସଂସଦର ବର୍ଷା ଆସର

ଭଦ୍ରକ, ୨୫/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ଲେଖିକା ସଂସଦର ବର୍ଷା ଆସର 'ରିମ୍‌ଝିମ୍ ବର୍ଷା' ଏହାର ସଭାପତି ଶ୍ରୀମତୀ ଝରଣା ପଟ୍ଟନାୟକଙ୍କ ଅଧକ୍ଷତାରେ ବିବେକାନନ୍ଦ ପାଠ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଏକ ମନୋଜ୍ଞ କବିତା ଆସରର ଆୟୋଜନ କରାଯାଇଥିଲା । କାଦମ୍ବିନୀ ମହାନ୍ତି ଏହି କବିତା ପାଠୋତ୍ସବରେ ଅଧକ୍ଷତା କରିଥିଲେ । ସଂଯୋଜନା କରିଥିଲେ ଡଃ ମମତାରାଣୀ ସାହୁ ଓ ଅଧ୍ୟାପିକା ଉଷାରାଣୀ ଜେନା, ଦ୍ୱିତୀୟ ଅଧିବେଶନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଡଃ କାନନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍‌ଘାଟନ ସମୟରେ ବେଦପାଠ କରିଥିଲେ ଶ୍ରୀମତୀ ବସନ୍ତ ମିଶ୍ର । ଅତିଥିମାନଙ୍କୁ ସ୍ୱାଗତ

ସମ୍ଭାଷଣ ପ୍ରଦାନ କରିଥିଲେ ଡଃ ସୋମା ଚାନ୍ଦ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡଃ ସୁକାନ୍ତି ମହାପାତ୍ର । ଏହା ପରେ ଡଃ ପ୍ରଭାତ ନଳିନୀ ମହାପାତ୍ରଙ୍କ ଗଳ୍ପ ପୁସ୍ତକ 'ସମୁଦ୍ର କୂଳିଆ ଝିଅ' ଓ ଶିଶୁ କିଶୋର କବିତା ସଂକଳନ 'ଗୀତ ଶୁଣିବ ଆସ' ଲୋକାର୍ପିତ ହୋଇଥିଲା । ଏହାପରେ ମୁଖ୍ୟବକ୍ତା ଅଧ୍ୟାପିକା ଡଃ ପ୍ରବର୍ତ୍ତିକା ଦାସ ନିଜର ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, ନାରୀ ସ୍ୱତଃ ସଶକ୍ତ । ପ୍ରତ୍ୟେକ ପଦକ୍ଷେପରେ ସେ ତାଳ ମିଳାଇ ଚାଲିବାକୁ ସମର୍ଥ । 'ଆକଳନ' ସମାଲୋଚନା ମୂଳକ ପତ୍ରିକା ତରଫରୁ ଏହାର ସମ୍ପାଦକ ଡଃ ଶଶଧର ଦାସ, ଓଡ଼ିଆ ଭାଷାକୁ ବିଛିନ୍ନାଞ୍ଚଳରେ ପ୍ରଚାର ଓ ପ୍ରସାର କରିବାରେ ମୁଖ୍ୟ ଭୂମିକା ନେଇଥିବା ବିଶିଷ୍ଟ ସାହିତ୍ୟିକ ଡଃ ମନୀନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଅନୁଷ୍ଠାନର ସଭ୍ୟା ଡଃ ରାଧାରାଣୀ ମହାପାତ୍ର ସହଯୋଗ କରିଥିଲେ । ମୁଖ୍ୟଅତିଥି ସୁଲେଖିକା ମିରିନା ମହାନ୍ତି, ବର୍ଷା ମନୁଷ୍ୟ ଜୀବନକୁ ପ୍ରତ୍ୟେକ କ୍ଷେତ୍ରରେ କିପରି ସୁଖମୟ କରିଥାଏ ସେ ବିଷୟରେ ବର୍ଣ୍ଣନା କରିଥିଲେ । ସଭାପତି ଶ୍ରୀମତୀ ପଟ୍ଟନାୟକ ସାହିତ୍ୟ ସହିତ ବର୍ଷାର ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ଏଥିରେ ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବହଳୀ, ଅଜୟ ନାୟକ, କିଶୋର ପାଣିଗ୍ରାହୀ, ଶାନ୍ତନୁ କୁମାର ରାଉତ, ଭରତ ଚନ୍ଦ୍ର ଦାସ, ସରୋଜିନୀ ମହାପାତ୍ର, ରବୀନ୍ଦ୍ର କୁମାର ମହାରଣା, ନିହାର ରଂଜନ କର, ମମତାରାଣୀ ଦାସ, ମନୋରମା ରାୟ କବିତା ପାଠ କରିଥିଲେ । ପ୍ରଭାତ ବିଜୟ ସମସ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ରଶ୍ମିରେଖା ପରମାଣିକ ।

ଡେଙ୍ଗୁ ପ୍ରସଙ୍ଗରେ ବିଏମସି ଅଫିସ୍ ଘେରାଉ ସମୟରେ ପୋଲିସ୍ ସହ ଧସ୍ତାଧସ୍ତି ସମୟରେ ବିଜେପି କର୍ମୀ ଗିରଫ

ଭୁବନେଶ୍ୱର, ୨୫/୦୭ (ନି.ପ୍ର):ବିଏମସି ଅବହେଳାରୁ ସ୍ମାର୍ଟ ସିଟି ଭୁବନେଶ୍ୱର ଏବେ ଡେଙ୍ଗୁର ହଟ୍‌ସ୍ପଟ ପାଲଟିଛି । ବିଏମସି ରାଜଧାନୀର ବିଭିନ୍ନ ସ୍ଥାନରେ ଆବର୍ଜନା ଏବଂ ଅପରିଷ୍କାର ପାଣି ଜମାରହୁଥିବା ବେଳେ ଡେଙ୍ଗୁରୋଗର ବାହକ ଏଡିସ ମଶାର ବଂଶ ବିସ୍ତାର ପାଇଁ ସୁବିଧା ହେଉଛି । କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୧୩୦ରୁ ଅଧିକ ନମୁନା ପରୀକ୍ଷା କରାଯାଉଥିବାବେଳେ ୨୯ପଜିଟିଭ ବାହାରୁଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ତାଙ୍କ ଦଳର ନେତା ମନ୍ତ୍ରୀମାନେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିଶ୍ୱସ୍ତରୀୟ କହୁଥିବାବେଳେ ୨୩ବର୍ଷ ଶାସନରେ ସ୍ମାର୍ଟସିଟି ଭୁବନେଶ୍ୱରରେ ପାଖାପାଖି ୩୦ପ୍ରତିଶତ ଡେଙ୍ଗୁ ରୋଗୀ । ଏହା ଆମେ କହୁନୁ କ୍ୟାପିଟାଲ ହସ୍ପିଟାଲର ତଥ୍ୟ କହୁଛି । ରାଜଧାନୀରେ ଡେଙ୍ଗୁରେ ୨ଟି ମୁଣ୍ଡ ଗଡିଲାଣି ଅଥଚ ସରକାରଙ୍କ ନିଦ ଭାଙ୍ଗୁ ନାହିଁ । ଭୁବନେଶ୍ୱରରେ ଡେଙ୍ଗୁର ଅବସ୍ଥା ଅସମ୍ଭାଳ ହୋଇଥିବାବେଳେ ରାଜ୍ୟ ସରକାର ନିଜର ଅପାରଗତାକୁ ଘୋଡାଇବା ପାଇଁ ତଥ୍ୟ ଲୁଚାଉଛନ୍ତି । ଡେଙ୍ଗୁ ଜନିତ ମୃତ୍ୟୁକୁ ଅସ୍ୱୀକାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଡେଙ୍ଗୁ ମୃତ୍ୟୁକୁ ନମାନିବା ସରକାରଙ୍କ ଅସହାୟତାକୁ ପ୍ରକାଶ କରୁଛି । ଏହାର ପ୍ରତିବାଦରେ ଆଜି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ସହ ସହ କାର୍ଯ୍ୟକର୍ତ୍ତା ଜିଲ୍ଲା ସଭାପତି ବାବୁ ସିଂ ଙ୍କ ନେତୃତ୍ୱରେ ଅଭିନବ ଢଙ୍ଗରେ ମଶାରୀ ଭିତରେ ମୁଖ୍ୟମନ୍ତ୍ରୀ, ୫ଟି ସଚିବ ବିଏମସି କମିଶନର ଓ ମେୟର ଙ୍କ ମୁଖା ପିନ୍ଧି ସହ ସହ କାର୍ଯ୍ୟକର୍ତ୍ତା ବିଏମସି ମୁଖ୍ୟ କାର୍ଯ୍ୟାଳୟ କୁ ଘେରାଉ କରିଥିଲେ । ସରକାରଙ୍କ ବିରୁଦ୍ଧରେ ନାରାବାଜି ସହ କାର୍ଯ୍ୟଳୟ ଭିତରକୁ ଦସେଇ ପଶିବା ସମୟରେ ବିଜେପି କର୍ମୀ ଓ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ଏବଂ ପୋଲିସ ୫୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଙ୍କୁ ଗିରଫ କରିଥିଲା ।ଗତବର୍ଷ ମଶା ଉପଦ୍ରବ ସମୟରେ ବିଏମସି ମଶା ମାରିବା ପାଇଁ "ଡ୍ରୋନ ସ୍ପ୍ରେ ଯୋଜନା"ର ମିଡିଆ ଇଭେଂଟ କରିଥିଲା । ଚଳିତବର୍ଷ ସେ ଡ୍ରୋନ ସ୍ପ୍ରେ କୁଆଡେ ଗଲା ।ରାଜଧାନୀରେ ଡ୍ରେନ ଅବ୍ୟବସ୍ଥା, ରାସ୍ତାରେ ପାଣିଜମା ହେଉଥିବାରୁ ଡେଙ୍ଗୁ ମଶାର ବଂଶ ବିସ୍ତାର ହେଉଛି ।

ମଣିପୁର ମୁଖ୍ୟମନ୍ତ୍ରୀ ଓ ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଜଳେଶ୍ୱରର ବାମ ସଂଗଠନ

ଜଳେଶ୍ୱର , ୨୫/୦୭ (ନି.ପ୍ର): ମଣିପୁରରେ ୨ଜଣ ଆଦିବାସୀ ମହିଳାଙ୍କୁ ଗଣଧର୍ଷଣ ପରେ ଉଲଗ୍ନ କରି ରାସ୍ତାରେ ଚଲାଇଚଲାଇ ଶୋଭାଯାତ୍ରା କରିବା ଓ ଏହାଠାରୁ ଲଜ୍ଜା ଜନକ ଘଟଣା ଆଉକିଛି ନ ଥାଇପାରେ ବୋଲି ଆଜି ବାମପନ୍ଥି ସଂଗଠନ ପକ୍ଷରୁ କୁହାଯାଇଛି । ଜଣେ ଅବସରପ୍ରାପ୍ତ ସାମରୀକ ବାହିନୀର କର୍ମଚାରୀଙ୍କ ପତ୍ନୀଙ୍କୁ ଏପରି ଘଟଣାରେ ପିଡିତା ହେବାକୁ ପଡିଥିବା ବେଳେ କର୍ମଚାରୀ ଜଣକ ନିର୍ବାକ ହୋଇଥିବା କହିଛନ୍ତି । ମଣିପୁର ଜଳୁଛି, ହଜାର ହଜାର ଘର ପୋଡି ଛାରଖାର ହୋଇଛି । ୬୦ହଜାରରୁ ଅଧିକ ଲୋକ ଘର ଛାଡିଥିବା ବେଳେ ଶହ ଶହ ଲୋକଙ୍କ ଜୀବନ ଯାଇଛି । ଶାନ୍ତି ଫେରାଇବା ଲାଗି ଗଣତନ୍ତ୍ର, ସମ୍ବିଧାନ ଓ ମାନବିକତାର ଧ୍ୱଜା କାଏମ ରଖିବାକୁ ବକ୍ତମାନେ ଆହ୍ୱାନ ଦେଇଥିଲେ । ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଶିଶିର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ପଲ୍ଲୁ ଦା. ଦିଲ୍ଲିପ ପରିଡା, ଜିତାଂଶୁ ନନ୍ଦି, ଜୀବନ ପରିଡା, ମଦନ ମହାଲି, ଭାଗବତ ପ୍ରଧାନ, ନିର୍ମଳ ପରିଡା, ଧନଞ୍ଜୟ ପଲାଇ, ଗଣେଶ ଭୂୟାଁ, ରବିନ୍ଦ୍ର ବାରିକ, ପ୍ରକାଶ ଦେ, ଧିରେନ୍ଦ୍ର ଦେ, ଆରତୀ ପଲାଇ, ରାଜୀବ ପଣ୍ଡା, ସବିତା ଭୂୟାଁ, ମହୁଆ ବସୁ, ରୁପବାଣୀ ସିଂ, ଗୋବିନ୍ଦ ଜେନା, ଲକ୍ଷ୍ମିଧର ପଲେଇ, ମମତା ରାଜ, ଚନ୍ଦନ ଶତପଥି ପ୍ରମୁଖୁ ଶୋଭାଯାତ୍ରାରେ ଯାଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

ମଣିପୁର ସାମ୍ପ୍ରଦାୟିକ ଦଙ୍ଗା ପ୍ରସଙ୍ଗରେ ନୀଳଗିରି ଇଣ୍ଡିଆର ଗଣବିକ୍ଷୋଭ

ନୀଳଗିରି , ୨୫/୦୭ (ନି.ପ୍ର): ମଣିପୁର ପୂର୍ବ ଭାରତର ଏକ ଛୋଟିଆ ରାଜ୍ୟ । ଉକ୍ତ ରାଜ୍ୟରେ ଦୀର୍ଘ ଦୁଇମାସ ଧରି ଦୁଇଟି ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ବହୁ ଧନଜୀବନ ଯିବାସହ ରାଷ୍ଟ୍ରୀୟ ସମ୍ପତ୍ତି ନଷ୍ଟ ହୋଇଯାଇଚାଲିଛି । କେନ୍ଦ୍ର ସରକାର ଏହାକୁ ଗୁରୁତର ସହ ନେଇଥିବା ବେଳେ ଦଙ୍ଗା ଥମିବାର ନା ଧରୁନାହିଁ । ଦେଶରେ ୨୬ଗୋଟି ବିପକ୍ଷଦଳ କୁ ନେଇ ଗଠନ କରାଯାଇଥିବା ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନକ୍ଲୁସିଭ ଏଲାଏନ୍ସ ଅଂଶୀଦାର ତିନି ପ୍ରମୁଖଦଳ କଂଗ୍ରେସ, ସିପିଆଇ, ସିପିଆଇ (ଏମ) ମଙ୍ଗଳବାର ନୀଳଗିରି ବସଷ୍ଟାଣ୍ଡ ରୁ ଏକ ଶୋଭାଯାତ୍ରାରେ ବାହାରି ନୀଳଗିରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭରେ ସାମିଲ ଥିଲେ । ମଣିପୁରରେ ସାମ୍ପ୍ରଦାୟିକ ଦଙ୍ଗା, ବ୍ୟକ୍ତି ସ୍ୱାଧୀନତାର ହତ୍ୟା, ମହିଳା ମାନଙ୍କର ଆତ୍ମସମ୍ମାନ, ସଂସ୍କୃତି ଏବଂ ମାନବ ସଭ୍ୟତାର ଚରମ ଉପହାସ ବିରୁଦ୍ଧରେ ଗଣବିକ୍ଷୋଭ କରାଯାଇଥିଲା । ବିଗତ ଦିନରେ ରାଜ୍ୟର ଦୁଇଗୋଷ୍ଠୀ ମଧ୍ୟରେ ହିଂସା ଘଟିବାଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ତିନିଜଣ ମହିଳାଙ୍କୁ ଉଲଗ୍ନ କରି ବିଚ୍ ରାସ୍ତାରେ ଚଲାଇ ଚଲାଇ ନେବା ଏବଂ ଜଣେ ଯୁବତୀକୁ ଗଣଦୁଷ୍କର୍ମ କରି ମାରିଦେବା ଘଟଣା ସାରା

ଦେଶ ସମେତ ବିଶ୍ୱକୁ ଅପମାନିତ କରିଛି । ଏହି ବିକ୍ଷୋଭରେ ବରିଷ୍ଠ ସିପିଆଇ ନେତା କୈଳାସ ପଣ୍ଡା ସଭାପତିତ୍ୱ କରିଥିବା ବେଳେ କଂଗ୍ରେସ ଦଳର ବରିଷ୍ଠ ନେତା ମନୋରଞ୍ଜନ ପଣ୍ଡା, ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ, ଯଶୋଦା ନନ୍ଦନ ସିଂହ, ଉପେନ୍ଦ୍ର ବେହେରା, ରାହାସ ମହାପାତ୍ର, ଉଜ୍ଜଳ ଦେବଗୋସ୍ୱାମୀ, ଶ୍ରୀନାଥ ସିଂ, ହରିହର ଗିରି, ସିପିଆଇ ଏମ ନେତା ଯୋଗାନନ୍ଦ ଦାସ, ବିଜୟ ପାତ୍ର, ଜ୍ୟୋତିର୍ମୟ ରାଉତ, ଷ୍ଟାଲିନ ମିଶ୍ର, ଉଗ୍ରସେନ ଦାସ, ସତ୍ୟଜିତ ଦାସ, ଲକ୍ଷ୍ମୀ ସାହୁ, ନାରାୟଣ ଧାମୁଡିଆ, ମୃତ୍ୟୁଞ୍ଜୟ ନାୟକ, ଶ୍ୟାମ ସିଂ, ବରିଷ୍ଠ ଆଇନଜିବୀ କୃଷ୍ଣଚନ୍ଦ୍ର ନାୟକ, ସିପିଆଇ ନେତା ନିରଞ୍ଜନ ବାରିକ, ବିଜୟ ସ ଓ ଅନ୍ୟମାନେ ଉକ୍ତ ଘଟଣାକୁ ନିନ୍ଦା କରିଥିଲେ ।

ଆଚାର୍ଯ୍ୟା ଅଭ୍ୟାସ ବର୍ଗ ଉଦ୍‌ଯାପିତ

ଉଦଳା , ୨୫/୦୭ (ନି.ପ୍ର): ଏକଲ ଅଭିଯାନର ବାରିପଦା ଅଂଚଳ ଉଦଳା କେନ୍ଦ୍ର ଅଧିନରେ ପରିଚାଳିତ ବାଲେଶ୍ୱର ଜିଲ୍ଲାର ଖଇରା, ଔପଦା ଓ ଇଶ୍ୱରପୁର ସଂଚର ବାର୍ଷିକ ଆଚାର୍ଯ୍ୟା ଅଭ୍ୟାସ ବର୍ଗ ଗଣ୍ଡିବେଡ଼ସ୍ଥିତ ଅଭିରାମ ପରମହଂସ ଆଶ୍ରମ ପରିସରରେ ଚଳିତ ଜୁଲାଇ ୧୬ ତାରିଖ ଠାରୁ ଆରମ୍ଭ ହୋଇ ୨୫ ତାରିଖରେ ଉଦ୍‌ଯାପିତ ହୋଇ ଯାଇଛି । ୧୦ ଦିନ ଧରି ଚାଲିଥିବା ଏହି ଅଭ୍ୟାସବର୍ଗକୁ ଗୀତାପ୍ରଭାସିନି ପାଢ଼ି, ସରସ୍ୱତୀ ବିଶ୍ୱାଳ, ଆରତୀ ପରିଡ଼ା ଓ ମୃତ୍ୟୁଞ୍ଜୟ ଶଙ୍ଖୁଆ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି, ସମ୍ଭାଗ ପ୍ରମୁଖ ସୁକେଶ ବେହେରା, ସମ୍ବାଦ ପ୍ରମୁଖ ଚୌଧୁରୀ ମହାନ୍ତ, ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଂଟାବାଉଁଶିଆ ପଂଚମୁଖୀ ଶିକ୍ଷା ବିଷୟରେ ତାଲିମ ପ୍ରଦାନ କରିଥିଲେ । ଆଶ୍ରମର ମହନ୍ତ ଯୋଗାନନ୍ଦ ଦାସ ନିୟମିତ ସତସଂଘରେ ପ୍ରବଚନ ଦେଉଥିଲେ । ସେହିପରି ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ସୂଚନା ଅଧିକାର ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରିବା ସହ କାହାରିକୁ ଭୟ ନକରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମାନଙ୍କୁ ସୂଚନା ମାଗିବାକୁ ପରାମର୍ଶ ଦେଇଥିଲେ । ଅତିଥି ଭାବରେ ବିଭିନ୍ନ ଦିବସ ମାନଙ୍କରେ ବିଶ୍ୱହିନ୍ଦୁ ପରିଷଦର ହରିହର ତ୍ରୀପାଠୀ, ଶିବାନି ମହାନ୍ତି, ଠାକୁର ରଣଜିତ ଦାସ, ସୁରେନ୍ଦ୍ର ରାଉତ, ଗୋଲକ ପ୍ରସାଦ ନାୟକ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ୫୦ରୁ ଉର୍ଦ୍ଧ୍ୱ ଆଚାର୍ଯ୍ୟା ଏଥିରେ ତାଲିମ ନେଇଥିବା ବେଳେ ସମସ୍ତେ ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ପାଇଁ ଶପଥ ପାଠ କରିଥିଲେ

ଜିଲ୍ଲାସ୍ତରୀୟ ଯୋଗ ଚମ୍ପିୟନସିପ୍ ପ୍ରତିଯୋଗିତା ଉଦ୍‌ଯାପିତ

ବାଲେଶ୍ୱର, ୨୫/୦୭ (ନି.ପ୍ର): ବାଲେଶ୍ୱର ରାଣୀପାଟଣାଠାରେ ଯୋଗାସନ ସ୍ପୋର୍ଟସ ଆସୋସିଏସନ୍ ଦ୍ୱାରା ଜିଲ୍ଲାସ୍ତରୀୟ ଯୋଗ ଚମ୍ପିଆନସିପ୍ ଅନୁଷ୍ଠିତ ହୋଇଅଛି । ଏହି ଯୋଗାସନ ପ୍ରତିଯୋଗିତାରେ ଆସୋସିଏସନ୍‌ର ସଭାପତି ଗୋବର୍ଦ୍ଧନ ସାହୁ, ଜିଲ୍ଲା ସଂଯୋଜକ ମୁକ୍ତିକାନ୍ତ ପାଣିଗ୍ରାହୀ, ପ୍ରୋଗ୍ରାମ ସମ୍ପାଦକ ମନୋଜ କୁମାର ଦେ ଙ୍କ ସହ ମୁଖ୍ୟଅତିଥି ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥ, ସବ୍‌କଲେକ୍ଟର କୁନାଲ୍ ମୋତିରାମ ଚୌହାନ, ସ୍ଥାନୀୟ କାଉନସିଲର ଗୌରୀ ଦାସ, ଜିଲ୍ଲା କ୍ରୀଡ଼ା ଅଫିସର ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀ ଅଶୋକ କୁମାର ନାୟକ, ପତଞ୍ଜଳି ଯୋଗପ୍ରଭାରି ଡ. ଗୋପାଳ କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱଳନ କରି ଶୋଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୋଟ ୧୩୫ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଯୋଗ

ଦେଇଥିଲେ । ସେଥିମଧ୍ୟରୁ ୩୩ ଜଣଙ୍କୁ ରାଜ୍ୟ ସ୍ତରକୁ ମନୋନୀତ କରାଯାଇଥିଲା । ଏହି ମନୋନୟନ କମିଟିରେ ଜଜ୍ ଭାବରେ ୧୬ ଜଣ ରାଷ୍ଟ୍ରୀୟ ଯୋଗ ଜଜ୍ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ଯୋଗ ସଂଗଠନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ହୋମିଓପ୍ୟାଥି ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫେସର ଡା. ଜୟଶ୍ରୀ ନନ୍ଦ ଓ ବିଶିଷ୍ଟ କବି ପ୍ରଶାନ୍ତ କୁମାର ଦାସ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରିଥିଲେ । ଯୋଗ ବିଚାରକମାନଙ୍କୁ ପ୍ରଶସ୍ତିପତ୍ର, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଜିଲ୍ଲା ସଂଯୋଜକ କହିଥିଲେ ଅନୁଶାସନରୁ ଆତ୍ମସମାଧି ପର୍ଯ୍ୟନ୍ତ ଓ ଶାରୀରିକ, ମାନସିକ ଆଧ୍ୟାତ୍ମିକ ସୁସ୍ଥତା ସହ ସୁସ୍ଥସମାଜ ଗଠନ ହୋଇପାରିବ । ଯୋଗ ମହୋତ୍ସବ ସମିତି, ବାଲେଶ୍ୱରର ସଭାପତି ସୁଜିତ୍ କୁମାର ଜେନା ମୁଖ୍ୟ ଜଜ୍ ରହିବା ସହ ଜଜ୍‌ମାନଙ୍କୁ ସହଯୋଗ କରିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସୀତାଂଶୁ ଶେଖର ବେହେରା, ମନୋରଞ୍ଜନ ପଣ୍ଡା, ମମତା ମଢୁଆଳ, ସିତଳା ଦାସ, ଦମୟନ୍ତୀ ମହାପାତ୍ର, ଡ. ଚିତ୍ତରଞ୍ଜନ ସାହୁ, ସ୍ନେହଲତା ଦାସ, ପ୍ରଭାତ ମହାରଣା, ସୁଚିସ୍ମିତା ପରିଡ଼ା, ଅନିତା ମିଶ୍ର, ନିବେଦିତା ନାୟକ, ସଂଜୀବ କୁମାର ତାଲଦୀ, ଦିବ୍ୟରଞ୍ଜନ ମହାନ୍ତି ଓ ଗୌରାଙ୍ଗ ଭାଇ ସହଯୋଗ କରିଥିଲେ ।

ଭଦ୍ରକରେ ମେଡ଼ିକାଲ କଲେଜ ଲାଗି ଅଗଷ୍ଟରୁ ପଦଯାତ୍ରା

ଭଦ୍ରକ, ୨୫/୦୭ (ନି.ପ୍ର): ଭଦ୍ରକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ବିଜୁ ସ୍ମୃତି କମିଟି ପକ୍ଷରୁ ଅଗଷ୍ଟରେ ପଦଯାତ୍ରା ଏବଂ ଦସ୍ତଖତ ଅଭିଯାନ କରାଯିବ ବୋଲି ଏହାର ଅଧକ୍ଷ ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଭ